بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ
ବଦର
Weekly
BADAR
Qadian
Odia
କାଦିଆନ

ସଂଖ୍ୟା: 30
ବାର୍ଷିକ ଦେୟ : 600/-

www.akhbarbadr.in

18 ମୁହରମ୍ 1444-1445 ହି.କ, 25 ୱଫା 1403 ହି.ଶ, 25 July-2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

مَنۡ کَانَ یُرِیۡدُ الۡحَیٰوۃَ الدُّنۡیَا وَزِیۡنَتَہَا نُوَفِّ اِلَیۡہِمۡ اَعۡمَالَہُمۡ فِیۡہَا وَہُمۡ فِیۡہَا لَا یُبۡخَسُوۡنَ

(ଅଲ୍ ହୁଦ୍: 1)

ଅନୁବାଦ: ଯେଉଁମାନେ ପାର୍ଥିବ ଜୀବନ ତଥା ତାହାର ସୌନ୍ଦର୍ଯ୍ୟର ଇଚ୍ଛା ପ୍ରକାଶ କରିବେ, ଆମ୍ଭେ ସେମାନଙ୍କୁ ସେମାନଙ୍କର କର୍ମଫଳ ସଂପୂର୍ଣ୍ଣ ରୂପେ ଏହିଠାରେ ହିଁ (ଅର୍ଥାତ୍ ଏହି ପାର୍ଥିବ ଜୀବନରେ ହିଁ) ପ୍ରଦାନ କରିବୁ ଏବଂ ସେମାନଙ୍କୁ ଏଥିରୁ ଉଣା ଦିଆଯିବ ନାହିଁ।

## ଅହମଦିୟା ଖବର

ଅଲହମ୍‌ଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ଯେଉଁ ବ୍ୟକ୍ତି କଫ୍ଫାରାହ୍ (କୌଣସି ପାପରୁ ଶୁଦ୍ଧି ହେବା ନିମନ୍ତେ କରାଯାଉଥିବା କୃତ୍ୟ ବା ପ୍ରାୟଶ୍ଚିତ୍ତ)ର ମଧ ସାମର୍ଥ୍ୟ ରଖୁ ନାହିଁ**

**(2600)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ବର୍ବାଦ୍ ହୋଇଗଲି। ଆପଣ ସ.ଅ ପଚାରିଲେ: କାହିଁକି ? ସେ କହିଲା, ମୁଁ ରମ୍‌ଜାନ୍ ମାସରେ (ଅର୍ଥାତ୍ ରୋଜା ରଖିଥାବ ଅବସ୍ଥାରେ ହିଁ) ନିଜ ପତ୍ନି ସହିତ ସହବାସ କରିନେଲି । ଆପଣ ସ.ଅ କହିଲେ, ତୁମେ ଏକ ଦାସକୁ ମୁକ୍ତ କରିବାର ସାମର୍ଥ୍ୟ ରଖୁଛ କି ? ସେହି ବ୍ୟକ୍ତି ଉତ୍ତର ଦେଲା ଯେ, ନାହିଁ । ଆପଣ ସ.ଅ କହିଲେ, ହେ ବ୍ୟକ୍ତି ! ତୁମେ 60 ଜଣ ଦରିଦ୍ର ବ୍ୟକ୍ତିଙ୍କୁ ଆହାର ଦେଇପାରିବ କି ? ସେ କହିଲା, ନା। ହ. ଅବୁ ହୁରୈରାହ୍ ର.ଅ କହୁଥିଲେ ଠିକ୍ ସେତିକିବେଳେ ଜଣେକ ଅନ୍‌ସାରୀ ବ୍ୟକ୍ତି ଖଜୁରୀ କୋଳିର ଟୋକେଇ ଆଣିଲା ଏବଂ ଉକ୍ତ ଟୋକେଇଟି 15 ସାଆ ହେଉଥିଲା, ଉକ୍ତ ଟୋକେଇରେ ଖଜୁରୀ କୋଳି ଥିଲା। ଆପଣ ସ.ଅ କହିଲେ, ହେ ବ୍ୟକ୍ତି ତୁମେ ଉକ୍ତ ଟୋକେଇଟିକୁ ନେଇଯାଅ ଏବଂ ସଦ୍‌କା କରିଦିଅ । ସେହି ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେଉଁ ବ୍ୟକ୍ତି ଆମ ଠାରୁ ଅଧିକ ଅଭାବି ହୋଇଥିବ ତା'କୁ ଦେଇଦେବି କି ? ସେହି ବ୍ୟକ୍ତି ପୁନଶ୍ଚ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ଈଶ୍ୱରଙ୍କ ଅସ୍ତିତ୍ୱର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି । ମଦିନାର ଉଭୟ ପଥୁରିଆ ପାର୍ଶ୍ୱର ମଧ୍ୟବର୍ତ୍ତୀ ଭାଗରେ ଆମ ଘର ଠାରୁ ଅଧିକ ଅଭାବି ଓ ଗରିବ ଘର ଆଉ କାହାରି ନାହିଁ । ଆପଣ ସ.ଅ ଉକ୍ତ ବ୍ୟକ୍ତିକୁ କହିଲେ, ଯାଅ ନିଜ ପରିବାର ବର୍ଗଙ୍କୁ ହିଁ ଏହି ଖଜୁରୀ କୋଳି ଖୁଆଇ ଦିଅ ।

**(ବୁଖାରୀ କିତାବେ ଇଲାହିୟାହ୍)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ନମାଜ୍ ମନୁଷ୍ୟର ଡେଙ୍ଗୁରିଆ ଅଟେ, ପାଞ୍ଚବେଳା ଦୁଆ କରିବାକୁ ସୁଯୋଗ ମିଳିଥାଏ । ଅନ୍ତତଃ ଗୋଟିଏ ଦୁଆ ତ' ପ୍ରଭୁ ଅବଶ୍ୟ ଶୁଣିବେ (ଅର୍ଥାତ୍ ସ୍ୱୀକାର କରିବେ) । ସୁତରାଂ ନମାଜକୁ ଅତ୍ୟନ୍ତ ଶୃଙ୍ଖଳିତ ଉପାୟରେ ପାଠ କରିବା ଉଚିତ୍ ଓ ଏହି ନମାଜ ହିଁ ମୋର ପ୍ରିୟ ବସ୍ତୁ ଅଟେ ।**

☆ "ଐଶ୍ୱରିକାତର ପୂର୍ଣ୍ଣ ପ୍ରକାଶକ ହ. ମୁହମ୍ମଦ ସ.ଅ ଅଟନ୍ତି (ଅର୍ଥାତ୍ ଆଁହଜରତ ସ.ଅଙ୍କ ଦ୍ୱାରା ଈଶ୍ୱରଙ୍କୁ ଆମେ ଚିହ୍ନି ପାରିଲୁ) । କାରଣ ମୁହମ୍ମଦ୍‌ର ଅର୍ଥ ବହୁ ପ୍ରଶଂସିତ ବ୍ୟକ୍ତି ଓ ରହେମାନ୍‌ର ଅର୍ଥ ପାରିଶ୍ରମିକ ନମାଗି ମଧ ନିରପେକ୍ଷ ଭାବରେ ବିଶ୍ୱାସକାରୀ ଓ ଅବିଶ୍ୱାସକାରୀଙ୍କୁ ପ୍ରଦାନକାରୀ ଈଶ୍ୱର । ଏକଥା ସ୍ପଷ୍ଟ ଯେ, ଯାହାକୁ ନମାଗି ଯଦି କୌଣସି ବସ୍ତୁ ପ୍ରାପ୍ତ ହୁଏ ତେବେ ସେପରିପ୍ରେକ୍ଷୀରେ ସେହି(ବ୍ୟକ୍ତି/ଈଶ୍ୱର)ର ଅବଶ୍ୟ ପ୍ରଶଂସା କରାଯିବ । ସୁତରାଂ ମୁହମ୍ମଦ ସ.ଅ ଐଶ୍ୱରିକତାର ପ୍ରଭା ଅର୍ଥାତ୍ ପ୍ରକାଶ ଥିଲେ ଓ ଅହେମଦ ନାମରେ ରହିମିୟତ୍ ଅର୍ଥାତ୍ ଦୟାବାନତ୍ୱ ଆବିର୍ଭୂତ ହୋଇଥିଲା। କାରଣ ରହିମର ଅର୍ଥ ପରିଶ୍ରମ ଏବଂ ଉଦ୍ୟମକୁ ବୃଥା ନକରିଲାବାଲା ବ୍ୟକ୍ତି ଓ ଅହେମଦର ଅର୍ଥ ପ୍ରଶଂସାକାରୀ ବ୍ୟକ୍ତି । ଉକ୍ତ କଥାଟି ସାଧାରଣ କଥା ଯେ, ଯେଉଁ ବ୍ୟକ୍ତି ପରର ଉତ୍ତମ ଢଙ୍ଗରେ କାର୍ଯ୍ୟ ତଥା ସେବା କରିଥାଏ ସେହି ବ୍ୟକ୍ତି ସେବକ ଠାରୁ ପ୍ରସନ୍ନ ହୋଇଯାଇଥାଏ ଏବଂ ପରିଶ୍ରମ କରୁଥିବା ବ୍ୟକ୍ତିକୁ ପରିଶ୍ରମର ଫଳ ପ୍ରଦାନ କରିଥାଏ ଓ ତା'ର ପ୍ରଶଂସା କରିଥାଏ (ଯେ, ତୁମ ବହୁତ ଭଲ କାମ କରିଛ) ସେହି ଦୃଷ୍ଟିରୁ ଅହେମଦ୍‌ରେ ରହିମିୟତ୍ (ଦୟାବାନତ୍ୱ) ର ଉତ୍ପତ୍ତି ପ୍ରକଟିତ ଅଟେ । ଅତଏବ୍ ଅଲ୍ଲାଃତାଲା ଏବଂ ମୁହମ୍ମଦ୍ (ରହେମାନ୍) ଓ ଅହେମଦ୍ (ରହିମ୍) ଅଟନ୍ତି । ଅର୍ଥାତ୍ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କର ସେହି ଦୁଇଟି ବିଶେଷ ଗୁଣାବଳୀ ଅଟନ୍ତି ଯଥା- ରହମାନିୟତ୍ (ଐଶ୍ୱରିକତା)ର ଓ ରହିମିୟତ୍ (ଦୟାବାନତ୍ୱ) ର ପ୍ରକାଶକ ଥିଲେ ।"

☆ ମନୁଷ୍ୟର ଜୀବନ ଏକ ରେଳଗାଡ଼ି ସଦୃଶ ଏବଂ ଆମ ସମସ୍ତଙ୍କୁ ଜୀବନ ଯାତ୍ରାର ଏକ ଟିକଟ ପ୍ରଦାନ କରାଯାଇଛି । ଯେଉଁଠି କୌଣସି ବ୍ୟକ୍ତିର ଷ୍ଟେସନ ଆସିଯାଏ ତେବେ ସେହି ବ୍ୟକ୍ତିକୁ ସେହି ଷ୍ଟେସନରେ ଓହ୍ଲାଇ ଦିଆଯାଇଥାଏ । ଅର୍ଥାତ୍ ସେହି ବ୍ୟକ୍ତି ମୃତ୍ୟୁବରଣ କରିଥାଏ । ପୁନଶ୍ଚ ମନୁଷ୍ୟ କେଉଁ ଜୀବନକୁ ଭରସା କରିଥାଏ ଏବଂ କେଉଁ ଭ୍ରମର ଶିକାର ଅଟେ ଓ ଦୀର୍ଘାୟୁ ହେବା ନିମନ୍ତେ କାମନା କରିଥାଏ ?

☆ନମାଜ୍ ମନୁଷ୍ୟର ଡେଙ୍ଗୁରିଆ ଅଟେ, ପାଞ୍ଚବେଳା ଦୁଆ କରିବାକୁ ସୁଯୋଗ ମିଳିଥାଏ । ଅନ୍ତତଃ ଗୋଟିଏ ଦୁଆ ତ' ପ୍ରଭୁ ଅବଶ୍ୟ ଶୁଣିବେ (ଅର୍ଥାତ୍ ସ୍ୱୀକାର କରିବେ) । ସୁତରାଂ ନମାଜକୁ ଅତ୍ୟନ୍ତ ଶୃଙ୍ଖଳିତ ଉପାୟରେ ପାଠ କରିବା ଉଚିତ୍ ଓ ଏହି ନମାଜ ହିଁ ମୋର ପ୍ରିୟ ବସ୍ତୁ ଅଟେ ।

☆ ସୁରାଃ ଫାତିହାରେ ସାତଟି ଆୟତ୍ ଏଇଥି ପାଇଁ ରଖାଯାଇଛି ଯେ, ନର୍କର 7ଟି ଦ୍ୱାର ରହିଛି । ତେଣୁ ପ୍ରତ୍ୟେକ ଆୟତ୍ ମନୁଷ୍ୟକୁ ଗୋଟିଏ ଦ୍ୱାରରୁ ରକ୍ଷା କରିଥାଏ । **(ମଲ୍‌ଫୁଜାତ୍, ଭାଗ-2, ପୃ-20)**

**اِنَّ اَوَّلَ بَیۡتٍ وُّضِعَ لِلنَّاسِ لَلَّذِیۡ بِبَکَّۃَ مُبٰرَکًا وَّہُدًی لِّلۡعٰلَمِیۡنَ ବାସ୍ତବରେ ଯେଉଁ ଗୃହ ସମଗ୍ର ମାନବ ଜାତି ନିମନ୍ତେ ସର୍ବ ପ୍ରଥମେ ନିର୍ମାଣ କରାଯାଇଥିଲା ତାହା ମକ୍କାରେ ଅବସ୍ଥିତ। ତାହା ସମଗ୍ର ଜଗତ ସକାଶେ କଲ୍ୟାଣଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ ଅଟେ ।**

ଏକଥା ମଧ ସ୍ମରଣ ରଖିବା ଉଚିତ୍ ଯେ, ଉପରୋକ୍ତ ଆୟତ୍‌ରେ ଅଲ୍ଲାଃତାଲା ବୈତୁଲ୍ଲାଃକୁ اَلۡبَیۡتِ الۡعَتِیۡقِ ବୋଲି ବିବେଚିତ କରିଛନ୍ତି । ଏହି ଆଡ଼କୁ ଇଙ୍ଗିତ କରିଛନ୍ତି ଯେ, ହ. ଇବ୍ରାହିମ୍ ଅ.ସ ବୈତୁଲ୍ଲାଃ ନିର୍ମାଣ କରି ନାହାନ୍ତି । ବରଂ ବୈତୁଲ୍ଲାଃ ପୂର୍ବରୁ ହିଁ ନିର୍ମିତ ହୋଇଥିଲା । ହ. ଇବ୍ରାହିମ୍ ଅ.ସ ହ. ଇସମାଇଲ୍ ଅ.ସଙ୍କ ସହିତ ମିଶି କେବଳ ପୂର୍ବ ନିର୍ଦ୍ଦେଶନ ଉପରେ ହିଁ ଉକ୍ତ ଗୃହକୁ ପୁନଃ ନିର୍ମାଣ କରିଥିଲେ । ସୁତରାଂ ହ. ହାଜିରାହ୍ ଅ.ସ ଓ ହ. ଇସମାଇଲ୍ ଅ.ସଙ୍କୁ ଛାଡ଼ିବା ସମୟରେ ସେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଯେଉଁ ଦୁଆ କରିଥିଲେ ତହିଁରେ ଏହି ଶବ୍ଦର ମଧ ଉଲ୍ଲେଖ ରହିଥିଲା ଯେ, رَبَّنَاۤ اِنِّیۡۤ اَسۡکَنۡتُ مِنۡ ذُرِّیَّتِیۡ بِوَادٍ غَیۡرِ ذِیۡ زَرۡعٍ عِنۡدَ بَیۡتِکَ الۡمُحَرَّمِ **(ଇବ୍ରାହିମ୍: 38)** ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ନିଜ ସନ୍ତାନମାନଙ୍କ ମଧ୍ୟରୁ କେତେକଙ୍କୁ ତୁମ୍ଭର ପବିତ୍ର ଗୃହ ନିକଟରେ ଏକ ଅନାବାଦି ଉପତ୍ୟକାରେ ଅବସ୍ଥାପିତ କରିଅଛୁ । ହେ ଆମ୍ଭର ପାଳନକର୍ତ୍ତା ଆମ୍ଭେ ଏଥିଯୋଗୁଁ ଏହିପରି କରିଅଛୁ ଯଦ୍ଦ୍ୱାରାକି ସେମାନେ ସୁଚାରୁ ରୂପେ ନମାଜ

ପାଠ କରିବେ । ତହିଁରୁ ଏହା ଜ୍ଞାତ ହୁଏ ଯେ, ବୈତୁଲ୍ଲାଃ ହ. ଇବ୍ରାହିମ୍ ଅ.ସଙ୍କ ବହୁ ପୂର୍ବରୁ ନିର୍ମାଣ ହୋଇ ସାରିଥିଲା । ଏହି ବିଷୟ ବସ୍ତୁ ଆଡ଼କୁ ଅଲ୍ଲାଃତାଲା ଉକ୍ତ ଆୟତ୍‌ରେ ଇଙ୍ଗିତ କରିଛନ୍ତି ଯେ, إِنَّ أَوَّلَ بَيْتٍ وُضِعَ لِلنَّاسِ لَلَّذِي بِبَكَّةَ مُبَارَكًا وَهُدًى لِلْعَالَمِينَ ବାସ୍ତବରେ ଯେଉଁ ଗୃହ ସମଗ୍ର ମାନବ ଜାତି ନିମନ୍ତେ ସର୍ବପ୍ରଥମେ ନିର୍ମାଣ କରାଯାଇଥିଲା ତାହା ମକ୍କାରେ ଅବସ୍ଥିତ, ତାହା ସମଗ୍ର ଜଗତ ସକାଶେ କଲ୍ୟାଣଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ ଅଟେ । ସମଗ୍ର ମାନବ ଜାତି ନିମନ୍ତେ ତହିଁରେ କୃପା ଓ କଲ୍ୟାଣର ସାଧନ ଏକତ୍ରିତ କରି ଦିଆଯାଇଛି । ଉକ୍ତ ଆୟତ୍‌ରେ وُضِعَ لِلنَّاسِର ଶବ୍ଦ ଉକ୍ତ ଭବିଷ୍ୟବାଣୀର ଅଧିକାରୀ ଥିଲା ଯେ, ଉକ୍ତ ଗୃହ ମାଧ୍ୟମରେ ଯେଉଁମାନେ ବିକ୍ଷିପ୍ତ ହୋଇଯାଇଥିବେ ସେମାନଙ୍କୁ ପୁନଃ ଏକତ୍ର କରିଦିଆଯିବ । ଅର୍ଥାତ୍ ଆନ୍ତର୍ଜାତିକ ଧର୍ମ ସହିତ ଏହାର ସଂପର୍କ ସ୍ଥାପିତ ହେବ । ସମଗ୍ର ସଂସାରକୁ ଏକତ୍ରିତ କରିବାରେ ଉକ୍ତ ଗୃହଟି ମାଧ୍ୟମ ହେବ । ଅତଏବ୍ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ମାଧ୍ୟମରେ ଅଲ୍ଲାଃତାଲା ସଂସାରର ବିଭିନ୍ନ ଜାତିଙ୍କୁ ଗୋଟିଏ ହସ୍ତରେ ଏକତ୍ରିତ କରିଦେଲେ ଓ ଏହିପରି ଭାବରେ ଖାନା କାଆବା ସମସ୍ତ ବିକ୍ଷିପ୍ତ ଲୋକମାନଙ୍କୁ ଏକତ୍ରିତ କରିବାର ମାଧ୍ୟମ ପାଲିଟିଗଲା ।

ସେ ଯାହା ହେଉ ବୈତୁଲ୍ଲାଃ ଏକ ଅତ୍ୟନ୍ତ ପୁରାତନ୍ ସ୍ଥାନ ଅଟେ ଏବଂ ଇତିହାସମ ମଧ୍ୟ ଏହାର ପ୍ରାଚୀନ ହେବାର ସ୍ୱାକ୍ଷର ବହନ କରେ ଏବଂ ସାକ୍ଷ୍ୟ ପ୍ରଦାନ କରେ । ସୁତରାଂ ସାର୍ ୱିଲିୟମ୍ ମିଓର୍ "ଲାଇପ୍ ଅଫ୍ ମୁହମ୍ମଦ"ରେ ଉଲ୍ଲେଖ କରନ୍ତି: "ମକ୍କାର ଧର୍ମଗୁଡ଼ିକ ଅତ୍ୟନ୍ତ ବୃହତ୍ ନୀତି ନିୟମକୁ ଏକ ପ୍ରାଚୀନ ଯୁଗ ଆଡ଼କୁ ଇଙ୍ଗିତ କରୁଥିବାର ଦୃଶ୍ୟମାନ ହୁଏ । ଅର୍ଥାତ୍ ବିଖ୍ୟାତ ୟୁନାନୀ ଭୂଗୋଳବିତ୍ ଲେଖକ ହେରୋଡ଼ଟସ୍ କାଆବାର ନାମ ନେଇ ଚର୍ଚ୍ଚା କରି ନାହାନ୍ତି । କିନ୍ତୁ ସେ ଆରବୀୟମାନଙ୍କର ବଡ଼ ଠାକୁରଙ୍କ ମଧ୍ୟରୁ ଏକ ଦେବତା ଯାହାଙ୍କର ନାମ ଇଲାଲାତ୍ ଥିଲା ତାହାର ଚର୍ଚ୍ଚା କରିଛନ୍ତି । ଅର୍ଥାତ୍ (ଈଶ୍ୱରମାନଙ୍କର ପରମେଶ୍ୱର) ଏବଂ ଏହା ସେହି କଥାର ପ୍ରମାଣ ଯେ, ମକ୍କାରେ ଏଭଳି ଏକ ଅସ୍ତିତ୍ୱଙ୍କର ଉପାସନା କରାଯାଉଥିଲା ଯାହାଙ୍କୁ ବଡ଼ ବଡ଼ ପ୍ରତିମାମାନଙ୍କର ମଧ୍ୟ ପରମେଶ୍ୱର ବୋଲି ସ୍ୱୀକାର କରାଯାଉଥିଲା । ପୁନଶ୍ଚ ଉଲ୍ଲେଖ ରହିଛି ଯେ, ଇତିହାସବିତ୍ ଡାୱିଡୋର୍ସ ସ୍କୋଲିସ୍ ଯିଏ ଖ୍ରୀ.ଅ ଶତାବ୍ଦୀରୁ 50 ବର୍ଷ ପୂର୍ବେ ଅତିକ୍ରାନ୍ତ ହୋଇଥିଲା, ସେ ମଧ୍ୟ ଉଲ୍ଲେଖ କରେ ଯେ, ଆରବ ସେହି ଭାଗ ଯାହା ଲୋହିତ ସାଗର ଉପକୂଳରେ ଅବସ୍ଥିତ ଅଟେ ତହିଁରେ ଏକ ଉପାସନା ଗୃହ ରହିଛି, ଯାହାକୁ ଆରବ୍ୟମାନେ ବହୁତ ସମ୍ମାନ ପ୍ରଦର୍ଶନ କରନ୍ତି ।" **(ଲାଇପ୍ ଅଫ୍ ମୁହମ୍ମଦ୍, ପ୍ରାକ୍‌କଥନ, ସି.11/103)**

ୱିଲିୟମ୍ ମିଓର୍ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ପ୍ରାଚୀନ ଇତିହାସରୁ ଜଣାପଡ଼େ ନାହିଁ ଯେ, ଖାନା କାଆବା କେବେ ନିର୍ମାଣ ହୋଇଥିଲା ? ଅର୍ଥାତ୍ ଏହି ଗୃହଟି ଏତେ ପ୍ରାଚୀନ ଯେ, ଏହାର ଅସ୍ତିତ୍ୱ ସଂପର୍କରେ ଚର୍ଚ୍ଚା ମିଳେ କିନ୍ତୁ ଏହାର ଭିତ୍ତି ସଂପର୍କରେ ଜ୍ଞାତ ହୁଏ ନାହିଁ । ଏହା ସଂପୂର୍ଣ୍ଣ الْبَيْتِ الْعَتِيقِର ଅର୍ଥ ଅଟେ ଯାହାକି ଅନ୍ୟ ଶବ୍ଦରେ ସମ୍ପାଦିତ (ଉଚ୍ଚାରିତ) କରାଯାଇଛି ।

ୱିଲିୟମ୍ ମିଓର୍ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, କେତେକ ଇତିହାସରୁ ଏହା ଜଣେପଡ଼େ ଯେ, ଉମାଲକା ତାହାକୁ ପୁନଃ ନିର୍ମାଣ କରିଥିଲେ ଏବଂ କିଛି କାଳ ପର୍ଯ୍ୟନ୍ତ ତାହା ସେମାନଙ୍କ ନିକଟରେ ରହିଥିଲା ଓ ତୌରାତରୁ ଜ୍ଞାତ ହୁଏ ଯେ, ଉମାଲକା ହ. ମୁସା ଅ.ସଙ୍କ କାଳରେ ଧ୍ୱଂସ ହୋଇ ଯାଇଥିଲା। **(ଖୁରୁଜ୍ ବାବ୍-17, ଆୟତ୍-8-16, ଓଗିନ୍ତି ବାବ୍-24, ଆୟତ୍-20)**

ଅର୍ଥାତ୍ ହ. ମୁସା ଅ.ସଙ୍କ କାଳରେ ମଧ୍ୟ ଖୁବ୍ ଶୀଘ୍ର ଉମାଲ୍‌କା ତାହା ଉପରେ ଆଧିପତିତ୍ୱ ବିସ୍ତାର କିରସାରିଥିଲେ ଏବଂ ସେମାନେ ମଧ୍ୟ ଉକ୍ତ ଗୃହର ସ୍ଥାପୟିତା ନଥିଲେ । ବରଂ ଉକ୍ତ ଗୃହଟି ସେମାନଙ୍କ ପୂର୍ବରୁ ନିର୍ମାଣ ହୋଇଥିଲା ଏବଂ ସେମାନେ ସେହି ଗୃହର ପବିତ୍ରତା ଉପରେ ବିଶ୍ୱାସ ଆଣି ତାହାକୁ ପୁନଃ ନିର୍ମାଣ କଲେ । ସୁତରାଂ ଐତିହାସିକ ସାକ୍ଷ୍ୟ ଦୃଷ୍ଟିରୁ ମଧ୍ୟ ବୈତୁଲ୍ଲାଃର ବୈତୁଲ୍ ଅତିକ୍ ହେବା ପ୍ରମାଣ ସିଦ୍ଧ ବାସ୍ତବ ଅଟେ । ଇତ୍ୟବସରରେ ହ. ମୁହିଉଦ୍ଦୀନ ସାହେବ ର.ଅ ଇବ୍‌ନେ ଅରବି ଏକ ସ୍ୱପ୍ନର ଚର୍ଚ୍ଚା କରିଦେବା ମଧ୍ୟ ଆବଶ୍ୟକ ବୋଲି ଅନୁମେୟ ହେଉଛି, ଉକ୍ତ ସ୍ୱପ୍ନକୁ ସେ ନିଜର ପୁସ୍ତକ ଫୁତୁହାତେ ମକ୍କିୟାହ୍‌ର ଭାଗ-3ରେ ବର୍ଣ୍ଣନା କରିଛନ୍ତି । ହ. ମୁହିଉଦ୍ଦୀନ୍ ସାହେବ କୁହନ୍ତି ମୁଁ ଏକଦା ସ୍ୱପ୍ନାବସ୍ଥାରେ ଦେଖିଲି ଯେ, ମୁଁ ବୈତୁଲ୍ଲାଃର ପରିକ୍ରାମା କରୁଛି ଏବଂ ମୋ ସହିତ ଆଉ କିଛି ଲୋକମାନେ ମଧ୍ୟ ଅଛନ୍ତି ଯେଉଁମାନେ ବୈତୁଲ୍ଲାଃର ପରିକ୍ରମା କରୁଛନ୍ତି । କିନ୍ତୁ ସେମାନେ କିଞ୍ଚିତ ଅଜ୍ଞାତ ପ୍ରକାରର ଲୋକ ଅଟନ୍ତି ଯେଉଁମାନଙ୍କୁ ମୁଁ ଚିହ୍ନି ନାହିଁ । ପୁନଶ୍ଚ ସେମାନେ ଦୁଇଗୋଟି କବିତା ପଢିଲେ ତନ୍ମଧ୍ୟରୁ ଗୋଟିଏ କବିତା ମୁଁ ଭୁଲି ଗଲି । କିନ୍ତୁ ଦ୍ୱିତୀୟ କବିତାଟି ମୋତେ ମନେ ରହିଲା । ଯେଉଁ କବିତାଟି ମୋତେ ସ୍ମରଣ ରହିଲା ତାହା ଏହିପରି ଥିଲା ଯେ, لَقَدْ طُفْنَا كَمَا طُفْتُمْ سِنِينَ

بِهَذَا الْبَيْتِ طُرًّا أَجْمَعِينَا

ଆମେମାନେ ମଧ୍ୟ ସେହି ପବିତ୍ର ଗୃହର ପରିକ୍ରମା କରୁଛୁ ଯେପରି ଆଜି ତୁମେ ଉକ୍ତ ଗୃହର ପରିକ୍ରମା କରୁଛ । ସେ କୁହନ୍ତି ମୁଁ ଉକ୍ତ କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହେଲି । ପୁନଶ୍ଚ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋତେ ନିଜର ଇମାମ୍ (ଧର୍ମାଧକ୍ଷ)ଙ୍କ ନାମ କହିଲେ । କିନ୍ତୁ ସେହି ନାମ ମଧ୍ୟ ଏପରି ଥିଲା ଯାହାକି ମୋ ନିମନ୍ତେ ସଂପୂର୍ଣ୍ଣ ରୂପେ ଅପରିଚିତ ଥିଲା । ଏତଦ୍‌ପରେ ସେହି ବ୍ୟକ୍ତି ମୋତେ କହିବାକୁ ଲାଗିଲା ଯେ, ମୁଁ ତୁମର ପୂର୍ବଜମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ। ମୁଁ ପଚାରିଲି ଯେ, ଆପଣଙ୍କ ମୃତ୍ୟୁକୁ କେତେ ବର୍ଷ ବିତି ଯାଇଛି । ସେ କହିଲେ, 40 ହଜାର ବର୍ଷରୁ ଉର୍ଦ୍ଧ୍ୱ ବର୍ଷ କାଳ ଅତିକ୍ରାନ୍ତ ହୋଇଯାଇଛି । ମୁଁ କହିଲି, ଆଦମ୍‌ଙ୍କ କାଳକୁ ତ' ଏତେ ବର୍ଷ ଅତିକ୍ରାନ୍ତ ହଇ ନାହିଁ। ସେ କହିଲା କି ତୁମେ କିପରି ଆଦମ୍‌ଙ୍କ ଚର୍ଚ୍ଚା କରୁଛ ଓ ଆଦମ୍‌ଙ୍କୁ ଜାଣିଛ ? କ'ଣ ସେହି ଆଦମ୍‌ଙ୍କର ଯିଏ ତୁମର ନିକଟବର୍ତ୍ତୀ କାଳରେ ଅତିକ୍ରାନ୍ତ ହୋଇଛି ସେହି ଆଦମ୍ କିମ୍ବା ଅନ୍ୟ ଆଦମ୍‌ଙ୍କର । ସେ କୁହନ୍ତି ଏତଦ୍‌ପରେ ମୋତେ ତୁରନ୍ତ ଆଁହଜରତ ସ.ଅଙ୍କର ଉକ୍ତ ହଦିସ୍ ମନେ ପଡ଼ିଗଲା ଯେ, ଅଲ୍ଲାଃତାଲା 1 ଲକ୍ଷ ଆଦମ୍ ସୃଷ୍ଟି କରିଛନ୍ତି । ମୁଁ ଭାବିଲି ଯେ, ମୋର ଏହି ପୂର୍ବଜ କୂଳବୃଦ୍ଧ ମଧ୍ୟ ସେମାନଙ୍କ ମଧ୍ୟରୁ କୌଣସି ଆଦମ୍ ସହିତ ସଂପର୍କ ରଖିଥିବେ। **(ଫୁତୁହାତେ ମକ୍କିୟାହ୍, ଭାଗ-3, ବାବ୍-390, ପୃ-549)**

ହ. ମୁହିଉଦ୍ଦୀନ୍ ସାହେବ ରହେମତୁଲ୍ଲାଃ ଅଲୈହ୍ ଇବ୍‌ନେ ଅରବୀଙ୍କର ଉକ୍ତ ସ୍ୱପ୍ନ ମଧ୍ୟ ଏହା ଦର୍ଶାଉଛି ଯେ, ବୈତୁଲ୍ଲାଃ ଅତ୍ୟନ୍ତ ପ୍ରାଚୀନ କାଳରୁ ସଂସାର କେନ୍ଦ୍ର ଏବଂ ଲୋକମାନଙ୍କର ମାର୍ଗଦର୍ଶନର ମାଧ୍ୟମ ହୋଇ ଆସିଛି । ସେହିପରି ଏହି ସଂସାର ମଧ୍ୟ ଲକ୍ଷ ଲକ୍ଷ ବର୍ଷ ଧରପି ଚାଲି ଆସୁଛି । ସୁତରାଂ ଆଜି ହଜାର ବର୍ଷ ପୂର୍ବେ ମଧ୍ୟ ଲୋକମାନେ ଏହି ପବିତ୍ର ଗୃହର ଏହିପରି ପରିକ୍ରମା କରୁଥିଲେ ଯେପରି ଆଜି ଆମେମାନେ ବୈତୁଲ୍ଲାଃର ପରିକ୍ରମା କରୁଛେ । ଏହି ବାସ୍ତବତା ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍ ବର୍ଣ୍ଣନା କରିଛି । ଅର୍ଥାତ୍ ଉକ୍ତ ଗୃହଟି ଅଲବୈତୁଲ୍ ଅତିକ୍ ଅଟେ ଯାହା ପ୍ରାଚୀନ କାଳରୁ ଈଶ୍ୱରଙ୍କ ଆଲୋକ, କଲ୍ୟାଣର ପ୍ରକାଶ ସ୍ଥଳୀ ହୋଇ ଆସିଛି । ପ୍ରଳୟ ଦିବସ ପର୍ଯ୍ୟନ୍ତ ସଂସାରକୁ ଗୋଟିଏ କେନ୍ଦ୍ରରେ ଏକତ୍ରିତ କରି ରଖିବାର ମାଧ୍ୟମ ଓ ସହାୟକ ହେଉଥିବ । **(ତଫସିର୍ କବିର, ଭାଗ-6, ପୃ-36, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)** ☆--☆--☆

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ.......

ତେବେ ସେମାନଙ୍କ ସହିତ ମୁହାଁମୁହିଁ ଯୁଦ୍ଧ କରନ୍ତୁ । ସାଧାରଣ ନାଗରିକ, ମହିଳା, ଶିଶୁ, ବୃଦ୍ଧମାନଙ୍କୁ କାହିଁକି ଟାର୍ଗେଟ୍ ଓ ଶରବ୍ୟ କରୁଛନ୍ତି? ପୁନଶ୍ଚ ଜଳ, ଖାଦ୍ୟ, ଚିକିତ୍ସାରୁ ସେମାନଙ୍କୁ ବଞ୍ଚିତ କରି ଦେଇଛନ୍ତି । ମାନବାଧିକାର ଏବଂ ଯୁଦ୍ଧର ନୀତି ସେହି ସମସ୍ତ ରାଷ୍ଟ୍ରମାନଙ୍କର ସମସ୍ତ ଦାବି ଏଠାରେ ଆସି ସମାପ୍ତ ହଇଯାଉଛି । ହଁ କେତେକ ରାଷ୍ଟ୍ର ଏଥିପ୍ରତି ଧ୍ୟାନ ମଧ୍ୟ ଆକର୍ଷଣ କରୁଛନ୍ତି । ଯେପରିକି ବିଗତ ଦିନମାନଙ୍କରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା କହିଥିଲେ ଯେ, ଯଦି ଯୁଦ୍ଧ କରିବାକୁ ଚାହୁଁଛନ୍ତି ତେବେ ଯୁଦ୍ଧ ନୀତିକୁ ସମ୍ମୁଖରେ ରଖିବା ଉଚିତ୍। ସିଭିଲିୟାନ୍(ସାଧାରଣ ନାଗରିକ)ମାନଙ୍କ ଉପରେ ଅତ୍ୟାଚାର ହେବା ଅନୁଚିତ୍ ।

ମିଳିତ ଜାତି (U.N)ର ସାଧାରଣ ସଚିବ ମଧ୍ୟ କହୁଥିଲେ । କିନ୍ତୁ ଇସ୍ରାଇଲୀୟ ସରକାର କୋଳାହଳ ସୃଷ୍ଟି କରି ଦେଉଛି । ତେବେ ପୃଥିବୀର ଅନ୍ୟ ଲୋକମାନେ, ନେତାମାନେ ଯେଉଁମାନେ ଶାନ୍ତିର ଦାବି କରନ୍ତି, ଯେଉଁମାନେ ନିଜକୁ ସବୁଠୁ ବଡ଼ ଶାନ୍ତି ସ୍ଥାପନକାରୀ ବ୍ୟକ୍ତି ବୋଲି କହୁଛନ୍ତି କିମ୍ବା ନିଜକୁ ବିଜେତା ବୋଲି ମନେକରୁଛନ୍ତି ସେମାନେ ଜେନେରାଲ୍ ସେକ୍ରେଟାରୀଙ୍କ ବିବୃତ୍ତିର ସମର୍ଥନରେ କିଛି କହିଲେ ନାହିଁ । ବରଂ ସେମାନେ ତାଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ଯାହା ହେଉ ପରିସ୍ଥିତି ସଂଗୀନରୁ ଅତି ସଙ୍ଗୀନ ଏବଂ ଭୟଙ୍କରରୁ ଅତି ଭୟଙ୍କର ହୋଇ ଚାଲିଛି ।

ପାଶ୍ଚାତ୍ୟ ଗଣମାଧ୍ୟମ ଏକ ପକ୍ଷରେ ଖବର ବଢେଇ ଚଢେଇ ପରିବେଷଣ କରି ଦେଉଛି ଏବଂ ଅନ୍ୟ ପଟରେ ଗୋଟିଏ କୋଣରେ ଏକ ଛୋଟିଆ ଖବର ଯେପରିକି ବିଗତ ଦିନମାନଙ୍କର କାରମାମୁକ୍ତ ହୋଇଥିବା ମହିଳାମାନଙ୍କ ମଧ୍ୟରୁ ଜଣିକା ମହିଳା କହିଲା, କାରାଗାରରେ ମୋ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ କରାଯାଇଛି । ଉକ୍ତ ଖବରଟି ତ' ଏକ କୋଣରେ ଚାଲିଗଲା ଏବଂ ଯାହା ବର୍ଣ୍ଣନା କରାଗଲା ତାହା ଏହିକି ଯେ, ହମାସ୍‌ର କାରାଗାର ନର୍କ ପରି ଥିଲା। ଏହାକୁ ନିୟମିତ ମୁଖ୍ୟାଂଶ କରି ସମାଚାର ମାନଙ୍କରେ ଉପସ୍ଥାପିତ କରାଯାଉଛି ।

ନ୍ୟାୟ ଏହା ଯେ, ସମସ୍ତ ସ୍ଥିତିକୁ ସମ୍ମୁଖରେ ରଖାଯାଉ ଓ ପୁନଶ୍ଚ ସଂସାରକୁ ନିଜର ନିଷ୍ପତ୍ତି ନେବାକୁ ଦିଅନ୍ତୁ ଯେ, କିଏ ଅତ୍ୟାଚାରୀ ଓ ଅତ୍ୟାଚାରିତ ବା ନିଷ୍ପେଷିତ ? କେଉଁ ପର୍ଯ୍ୟନ୍ତ ଉକ୍ତ ଯୁଦ୍ଧଟି ବୈଧ ଅଟେ ଓ କେଉଁଠି ଯାଇ ଏହା ସମାପ୍ତ ହେବା ଉଚିତ୍ । ସଂସାର ସମ୍ମୁଖରେ ସମସ୍ତ ବର୍ତ୍ତମାନିକ ସ୍ଥିତି ଆସିବା ଉଚିତ୍ ନା କି ଏକ ପାକ୍ଷିକ ରାଏ। ସେ ଯାହା ହେଉ ଆମମାନଙ୍କୁ ଦୁଆ କରିବା ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ ।

ଅତ୍ୟାଚାରିତମାନଙ୍କ ମୁସଲମାନମାନଙ୍କ ନିମନ୍ତେ ଓ ମୁସଲମାନ ରାଷ୍ଟ୍ରମାନଙ୍କୁ ଏକ ସାରଗର୍ଭକ ତଥା ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ମଧ୍ୟ ଦୁଆ କରିବା ଉଚିତ୍ । ମୁସଲମାନମାନଙ୍କର ଦୁଃଖ ଦୁର୍ଦ୍ଦଶା ମଧ୍ୟ ଦୂରା ହେବା ନିମନ୍ତେ ଆମମାନଙ୍କୁ ବିଶେଷ ରୂପେ ସମବେଦନା ନିଜ ମନ ଭିତରେ ପୋଷଣ କରିବା ଉଚିତ୍।

**(ଅବଶିଷ୍ଟାଂଶ.............ପୃ-12ରେ)**

## (ଖୁତ୍‌ବା ଜୁମା)

ଯୁଦ୍ଧର ପରିସ୍ଥିତି ଯେଭଳି ଦ୍ରୁତ ଗତିରେ ଉଗ୍ର ରୂପ ନେଉଛି ଏବଂ ଇସ୍ରାଇଲ୍ ସରକାର ଓ ବୃହତ୍ ଶକ୍ତିମାନେ ଯେଭଳି ନୀତି ଉପରେ କାର୍ଯ୍ୟାନୁସରଣ କରୁଥିବାର ଦୃଶ୍ୟମାନେ ହେଉଛି ତହିଁରୁ ବିଶ୍ୱ ଯୁଦ୍ଧ ସମ୍ମୁଖରେ ଛିଡ଼ା ହୋଇଥିବାର ଦେଖାଯଉଛି ।

---

ଆଁହଜରତ ସ.ଅଙ୍କର ଯିବା ଓ ନିଜର ସୁପୁତ୍ରୀ ଏବଂ ଜ୍ୱାଇଁଙ୍କୁ ଅନୁପ୍ରାଣିତ କରିବା କି ସେମାନେ ମଧ୍ୟ ନମାଜ ତେହଜ୍ଜୁଦ୍ ପାଠ କରନ୍ତୁ ଏହା ସେହି ପୂର୍ଣ୍ଣ ବିଶ୍ୱାସ ଉପରେ ପ୍ରତିପାଦିତ କରେ ଯାହା ଆପଣ ସ.ଅଙ୍କୁ ସେହି ଶିକ୍ଷା ଉପରେ ବିଶ୍ୱାସ ରହିଥିଲା । ଅର୍ଥାତ୍ ଆପଣ ସ.ଅ ଲୋକମାନଙ୍କ ବିଶ୍ୱାସ ମାର୍ଗ ଉପରେ ପରିଚାଳିତ କରିବାକୁ ଚାହୁଁଥିଲେ । ଆଁହଜରତ ସ.ଅ ପ୍ରତ୍ୟେକ କଥାକୁ ବୁଝିବା ନିମନ୍ତେ ବିନୀତତା ଓ ବିନମ୍ରତାକୁ ବିନିଯୋଗ କରୁଥିଲେ । ଆପଣ ସ.ଅ କଳହ କରିବା ପରିବର୍ତ୍ତେ ପ୍ରେମ ଦ୍ୱାରା ଜଣେ ବ୍ୟକ୍ତିକୁ ତା'ର ଦୋଷ ତ୍ରୁଟି ଯୋଗୁଁ ତାକୁ ଅବଗତ କରାଉଥିଲେ । ରାତ୍ର ସମୟରେ କରାଯାଇଥିବା ପ୍ରାର୍ଥନା ହିଁ ଈଶ୍ୱରଙ୍କ କୃପାକୁ ଅଧିକ ଆକର୍ଷିତ କରିଥାଏ ଓ ଆଜିକାଲି ତ' ସଂସାରକୁ ଧ୍ୱଂସରୁ ରକ୍ଷା କରିବା ନିମନ୍ତେ ଏହି ଦୁଆର ବିଶେଷ ରୂପେ ଆବଶ୍ୟକତା ରହିଛି ।

---

ଇହୁଦୀମାନଙ୍କର ତିନି ସଂପ୍ରଦାୟ ମଧ୍ୟରୁ ଯେଉଁ ସଂପ୍ରଦାୟ ସର୍ବପ୍ରଥମେ ନିଜର ଅଙ୍ଗୀକାର ତଥା ଚୁକ୍ତି ଭଙ୍ଗ କରିଥିଲା ଓ ବିଶ୍ୱାସଘାତକତା କରିଥିଲା ସେହି ସଂପ୍ରଦାୟ ହେଉଛି ବନୁ କୈନ୍‌କା ସଂପ୍ରଦାୟ । ଉକ୍ତ ସଂପ୍ରଦାୟଟି ଇହୁଦୀ ସଂପ୍ରଦାୟ ଥିଲା । ଆଁହଜରତ ସ.ଅ ବନୁ କୈନ୍‌କା ସଂପ୍ରଦାୟକୁ ବୁଝାଇବା ପାଇଁ ଖୁବ୍ ଚେଷ୍ଟା କଲେ, କିନ୍ତୁ ସେମାନେ ବୁଝିବା ପରିବର୍ତ୍ତେ ଖୋଲମ ଖୋଲା ଧମକ ଦେବା ଆରମ୍ଭ କରିଦେଲେ । ଆଁହଜରତ ସ.ଅ ଯଦିଓ ଜଣେ ରାଜନୀତିଜ୍ଞ ମାର୍ଗଦର୍ଶକ ଥିଲେ, କିନ୍ତୁ ଶତ୍ରୁ ପ୍ରତି ଅକାରଣରେ କେବେ କଠୋରତା ପ୍ରଦର୍ଶନ କରି ନଥିଲେ । ଆପଣ ସ.ଅ ଚରମପନ୍ଥାକୁ ନାପସନ୍ଦ କରୁଥିଲେ । ଅର୍ଥାତ୍ ଅପ୍ରିୟ ବୋଲି ମନେକରୁଥିଲେ ଏବଂ ଯୁଦ୍ଧ ଭୂମିରେ ମଧ୍ୟ ଯଦି ଯାଉଥିଲେ ସେତେବେଳେ ଆପଣ ସ.ଅ ବାଧ୍ୟ ହୋଇଯାଉଥିଲେ ଏବଂ ସେଠାରେ ମଧ୍ୟ ଅକାରଣରେ ରକ୍ତପାତରୁ ନିବୃତ୍ତ ରହୁଥିଲେ ।

---

ଅହେମଦିମାନେ ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । Relax ହୋଇ ବସି ଯାଆନ୍ତୁ ନାହିଁ । ପ୍ରତ୍ୟେକ ନମାଜର ଅନ୍ତତଃ ଗୋଟିଏ ସିଜ୍‌ଦାରେ ଦୁଆ କରିବା ଉଚିତ୍ । ପରିସ୍ଥିତି ଭୟଙ୍କରରୁ ଅତି ଭୟଙ୍କର ହୋଇ ଚାଲିଛି । ଯଦି ତୁରନ୍ତ ବୌଦ୍ଧିକପୂର୍ଣ୍ଣ ନୀତି ଅବଲମ୍ବନ କରା ନଗଲା ତେବେ ସଂସାର ବିନାଶ ଅବଶ୍ୟାମ୍ଭୀ ।

---

ନ୍ୟାୟ ଏହା ଯେ, ସମସ୍ତ ପରିସ୍ଥିତିକୁ ସମ୍ମୁଖରେ ରଖାଯାଉ ପୁନଶ୍ଚ ସଂସାରକୁ ନିଷ୍ପତ୍ତି ନେବାକୁ ଦିଅନ୍ତୁ ଯେ, କିଏ ଅତ୍ୟାଚାରୀ ଓ କିଏ ଅତ୍ୟାଚାରିତ ଏବଂ ନିକ୍ଷେପିତ ଅଟେ ? କେଉଁ ପର୍ଯ୍ୟନ୍ତ ଉକ୍ତ ଯୁଦ୍ଧଟି ଯୁକ୍ତିଯୁକ୍ତ ଏବଂ କେଉଁଠି ଯାଇ ଉକ୍ତ ଯୁଦ୍ଧ ସମାପ୍ତ ହେବା ଉଚିତ୍ ? ମୁସଲମାନମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୂର ହେବା ନିମନ୍ତେ ଆମମାନଙ୍କୁ ବିଶେଷ ସହାନୁଭୂତି ପ୍ରଦର୍ଶନ କରିବା ଉଚିତ୍ । ଆଁହଜରତ ସ.ଅଙ୍କ ପ୍ରତି ପ୍ରେମ ପ୍ରଦର୍ଶନ କରିବା ଏହା ଆଶା କରେ କି ଆମେମାନେ ମୁସଲମାନମାନଙ୍କ ନିମନ୍ତେ ଅଧିକ ଦୁଆ କରିବା ଉଚିତ୍ ।

**ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀର କେତେକ ପକ୍ଷର ବର୍ଣ୍ଣନା, ବନୁ କୈନ୍‌କା ଯୁଦ୍ଧର ବିସ୍ତୃତ ବିବରଣୀ । ସେହିପରି ଇସ୍ରାଇଲ୍ ଓ ହମାସ୍ ଯୁଦ୍ଧକୁ ଦୃଷ୍ଟିରେ ରଖି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବାରମ୍ବାର ଦୁଆ କରିବା ନିମନ୍ତେ ଆହ୍ୱାନ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 27 OCTOBER 2023 ମସିହା ଅନୁଯାୟୀ ୨୭ ଇଖା / ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଁହଜରତ ସ.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ବର୍ଣ୍ଣନାରେ ଆଁହଜରତ ସ.ଅଙ୍କ ନିଜ ସୁପୁତ୍ରୀ ଓ ଜ୍ୱାଇଁଙ୍କୁ ନମାଜ ତେହଜ୍ଜୁଦ୍ ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରିବାର ଘଟଣା ବୁଖାରୀରେ ଏହିପରି ଚର୍ଚ୍ଚା ମିଳେ । ହ. ଅଲୀ ବିନ୍ ଅବୁ ତାଲିବ୍ ର.ଅ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ ଦିନେ ରାତ୍ର ସମୟରେ ନିଜର ସୁପୁତ୍ରୀ ଓ ଜ୍ୱାଇଁଙ୍କ ପାଖକୁ ଆସିଲେ ଏବଂ କହିଲେ, ହେ ଫତିମା ଓ ଅଲୀ ! କ'ଣ ତୁମେ ଦୁହେଁ ନମାଜ ପଢୁନ କି ? ହ. ଫାତିମା ଓ ହ. ଅଲୀ ର.ଅ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମର ପ୍ରାଣବାୟୁ ଅଲ୍ଲାଃତାଲାଙ୍କ ହସ୍ତରେ ରହିଛି । ସେ ଆମକୁ ଯେତେବେଳେ ଚାହାନ୍ତି ସେତେବେଳେ ଆମକୁ ନିଦ୍ରାବସ୍ଥାରୁ ଉଠାଇ ଥାଆନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ନମାଜ୍ ତେହଜ୍ଜୁଦର ଚର୍ଚ୍ଚା ଚାଲିଛି । ହ. ଅଲୀ ର.ଅ କୁହନ୍ତି, ଆଁହଜରତ ସ.ଅ ମୋତେ ଉକ୍ତ କଥାର କୌଣସି ଉତ୍ତର ପ୍ରଦାନ କଲେ ନାହିଁ ଏବଂ ନିଜ ଘରକୁ ଫେରିଗଲେ । ପୁନଶ୍ଚ ଆପଣ ସ.ଅ ଯେତେବେଳେ ଘରକୁ ଯାଉଥିଲେ ସେତେବେଳେ ମୁଁ ଆପଣ ସ.ଅଙ୍କୁ ଶୁଣିଲି, ଆପଣ ସ.ଅ ନିଜ ଜଂଘ ଉପରେ ହସ୍ତ ମାରି କହୁଥିଲେ ଯେ, وَكَانَ الْاِنْسَانُ اَكْثَرَ شَيْءٍ جَدَلًا **(ଅଲ୍ କହଫ୍: 55)** ଅର୍ଥାତ୍ ମନୁଷ୍ୟ ଅନ୍ୟ ସମସ୍ତଙ୍କ ଠାରୁ ଅଧିକ ତର୍କପ୍ରିୟ ଅଟେ । **(ସହିଉଲ୍ ବୁଖାରୀ କିତାବୁତ୍ ତହଜ୍ଜୁଦ୍, ବାବ୍-ତହ୍‌ରିଜୁନ୍ ନବୀ ସ.ଅ ଅଲଲ୍ ଲୈଲି ୱନ୍ ନୱାଫିଲି..... ହଦିସ୍ ନଂ-1127)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣାର ବିବରଣୀ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଏକଦା ଆପଣ ସ.ଅ ନିଜର ଜ୍ୱାଇଁ ହ. ଅଲୀ ର.ଅ ଓ ନିଜର ସୁପୁତ୍ରୀ ହ. ଫାତିମା ର.ଅଙ୍କ ଘରକୁ ଗଲେ ଓ କହିଲେ, ପୁତ୍ରୀ ! ତୁମେ କ'ଣ ନମାଜ ତେହଜ୍ଜୁଦ୍ ପାଠ କରୁ ନାହଁ କି ? (ଅର୍ଥାତ୍ ସେହି ନମାଜ ଯାହା ଅର୍ଦ୍ଧ ରାତ୍ର ପାଖାପାଖି ନିଦ୍ରାବସ୍ଥାରୁ ଉଠି ପାଠ କରାଯାଇଥାଏ) ହ. ଅଲୀ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ନମାଜ ତେହଜ୍ଜୁଦ୍ ପାଠ କରିବା ପାଇଁ ଉଦ୍ୟମ ତ' କରିଥାଉ କିନ୍ତୁ ପ୍ରଭୁଙ୍କ ଇଚ୍ଛା ଅଧୀନ କୌଣସି ସମୟରେ ଆମର ଆଖି ବନ୍ଦ ରହିଥାଏ ସେତେବେଳେ ଆମେ ନମାଜ ତେହଜ୍ଜୁଦ୍ ପାଠ କରିବାରୁ ବଞ୍ଚିତ ରହିଯାଇଥାଉ । ଆପଣ ସ.ଅ କହିଲେ, ତେହଜ୍ଜୁଦ୍ ନମାଜ ପାଠ କର ଓ ଏହାପରେ ଆପଣ ସ.ଅ ଉଠି ନିଜ ଘର ଅଭିମୁଖେ ବାହାରି ପଡ଼ିଲେ ଓ ମାର୍ଗରେ ବାରମ୍ବାର ଏହା କହି ଯାଉଥିଲେ ଯେ, وَكَانَ الْاِنْسَانُ اَكْثَرَ شَيْءٍ جَدَلًا **(ଅଲ୍ କହଫ୍: 55)** ଅର୍ଥାତ୍ ମନୁଷ୍ୟ ଅନ୍ୟ ସମସ୍ତଙ୍କ ଠାରୁ ଅଧିକ ତର୍କପ୍ରିୟ ଅଟେ । ମନୁଷ୍ୟ ଅନେକ ସମୟରେ ନିଜର ଦୋଷ ଦୁର୍ବଳତାକୁ ସ୍ୱୀକାର କରିବାକୁ କୁଣ୍ଠାବୋଧ ମନେକରିଥାଏ ଏବଂ ବିଭିନ୍ନ ପ୍ରକାରର ଯୁକ୍ତି ବାଢ଼ି, ଆଳ କରି ନିଜର ଦୋଷ ଦୁର୍ବଳତା ଉପରେ ପରଦା ପକାଇଥାଏ । ଅର୍ଥାତ୍ ଲୁଚାଇବାକୁ ଚେଷ୍ଟା କରିଥାଏ । କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ହ. ଅଲୀ ର.ଅ ଓ ହ. ଫାତିମା ର.ଅ ଏହା କୁହନ୍ତି ଯେ, ଆମମାନଙ୍କ ଦ୍ୱାରା କୌଣସି ତ୍ରୁଟି ବିଚ୍ୟୁତି ବା ଭୁଲ୍ ଭଟକା ମଧ୍ୟ ହୋଇ ଯାଇଥାଏ । ସେମାନେ ଦୁହେଁ ଏହା କାହିଁକି କହିଲେ ଯେ, ପ୍ରଭୁ ଯେତେବେଳେ ଚାହିଁଥାନ୍ତି ସେତେବେଳେ ଆମ ନିଦରୁ ଉଠିପାରୁ ନାହୁଁ ଓ ଆମମେମାନେ ସେତେବେଳେ ନିଦ୍ରାବସ୍ଥାରେ ଶୋଇ ରହିଥାଉ । ନିଜର ଭୁଲ

ତଥା ତ୍ରୁଟିକୁ ଅଲ୍ଲାଃତାଲାଙ୍କ ଆଡ଼କୁ କାହିଁକି ଇଙ୍ଗିତ କରି ଦେଇଥାଉ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ2, ପୃ-389-390)**

ଉପରୋକ୍ତ ପ୍ରସଙ୍ଗକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତିରିକ୍ତ ଖୋଲି ବର୍ଣ୍ଣନା କରନ୍ତି ଯେ: "ହ. ଅଲୀ ର.ଅ ନିଜର ଏକ ଘଟଣା ବର୍ଣ୍ଣନା କରନ୍ତି ଯହିଁରୁ ଏହା ପ୍ରମାଣିତ ହୁଏ ଯେ, ଏକ ଅବସରରେ ଯେତେବେଳେ ହ. ଅଲୀ ର.ଅ ଆପଣ ସ.ଅଙ୍କୁ ଏପରି ଉତ୍ତର ଦେଲେ ଯହିଁରେ ବିତର୍କ ଓ ପ୍ରତିଯୋଗୀତାମୂଳକ ଶୈଳୀ ଦେଖିବାକୁ ମିଳୁଥିଲା । ତେବେ ଆପଣ ସ.ଅ ବିକ୍ଷୁବ୍ଧ ଏବଂ ରୁଷ୍ଟ ହେବାର ଭାବାବେଗ ପରିପ୍ରକାଶ କରିବା ପରିବର୍ତ୍ତେ ଆପଣ ସ.ଅ ଏପରି ଏକ ସୂକ୍ଷ୍ମ ପନ୍ଥା ଅବଲମ୍ବନ କଲେ ଯେ, ହ. ଅଲୀ ର.ଅ ପ୍ରାୟତଃ ନିଜ ଜୀବନରେ ଶେଷ ଦିନ ପର୍ଯ୍ୟନ୍ତ ସେହି ମିଷ୍ଟତାରୁ ଆସ୍ୱାଦିତ ତଥା ଆନନ୍ଦିତ ହୋଇଥିବେ ଏବଂ ସେ ଯେଉଁ ଆନନ୍ଦ ପ୍ରାପ୍ତ କରିଥିଲେ ତାହା କେବଳ ତାଙ୍କର ହିଁ ଅଧିକାର ଥିଲା । ବର୍ତ୍ତମାନ ମଧ୍ୟ ଆଁହଜରତ ସ.ଅଙ୍କ ସେହି ଅପ୍ରିତୀକର ଆବେଗକୁ ଅନୁଭବ କରି ପ୍ରତ୍ୟେକ ସୂକ୍ଷ୍ମଦର୍ଶୀ ବ୍ୟକ୍ତି ଆଶ୍ଚର୍ଯ୍ୟଚକିତ ହୋଇ ଯାଇଥାଏ । ହ. ଅଲୀ ର.ଅ କୁହନ୍ତି.......ଦିନେ ନବୀ କରୀମ୍ ସ.ଅ ରାତ୍ର ସମୟରେ ଫାତିମତୁଜ୍ ଜୁହ୍‌ରା ଓ ମୋ ପାଖକୁ ଆସିଲେ ଏବଂ କହିଲେ, ହେ ଫାତିମା ଓ ହେ ଅଲୀ କ'ଣ ତୁମେ ଦୁହେଁ ନମାଜ ତେହଜ୍ଜୁଦ୍ ପାଠ କରୁ ନାହଁ? ମୁଁ (ହ. ଅଲୀ ର.ଅ) ଉତ୍ତର ଦେଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମର ପ୍ରାଣବାୟୁ ତ' ଅଲ୍ଲାଃତାଲାଙ୍କ ହସ୍ତରେ ଓ ଅଲ୍ଲାଃତାଲାଙ୍କ ଅଧୀନ ଅଟନ୍ତି । ସେ ଯେତେବେଳେ ଆମକୁ ନିଦ୍ରାବସ୍ଥାରୁ ଉଠାଇବାକୁ ଚାହାଁନ୍ତି ସେତେବେଳେ ଆମେ ଉଠି ଯାଇଥାଉ। ଆପଣ ସ.ଅ ଉକ୍ତ କଥାକୁ ଶୁଣି ସ୍ମିତହାସ୍ୟ ପ୍ରକାଶ କଲେ ଏବଂ ମୋତେ କିଛି କହିଲେ ନାହିଁ । ପୁନଶ୍ଚ ମୁଁ ଆପଣ ସ.ଅଙ୍କ ଠାରୁ ଶୁଣିଲି ଓ ସ.ଅ ପିଠି ବୀପରୀତ ମୁହଁ କରି ଛିଡ଼ା ହୋଇଥିଲେ ଏବଂ ଆପଣ ସ.ଅ ନିଜର ଜଂଘ ଉପରେ ହାତ ମାରି କହୁଥିଲେ ଯେ, ମନୁଷ୍ୟ ଅନେକ ପ୍ରସଙ୍ଗରେ ବିତର୍କ କରିବାକୁ ଆରମ୍ଭ କରି ଦେଇଥାଏ ।"

ଅଲ୍ଲାଃ ଅଲ୍ଲାଃ ! ଆପଣ ସ.ଅ କେଡ଼େ ସୂକ୍ଷ୍ମ ଓ ମୃଦୁଳ ଢଙ୍ଗରେ ହ. ଅଲୀ ର.ଅଙ୍କୁ ବୁଝାଇଲେ ଯେ, ଆପଣଙ୍କୁ ଏହି ଉତ୍ତର ଦେବା ଅନୁଚିତ୍ ଥିଲା । ଅନ୍ୟ କୌଣସି ବ୍ୟକ୍ତି ଯଦି ହୋଇଥାଆନ୍ତା ତେବେ ସେ ବିତର୍କ କରିବାକୁ ଆରମ୍ଭ କରିଦେଇ ଥାଆନ୍ତା ଯେ, ମୋର ମର୍ଯ୍ୟାଦା ଏବଂ ମୋର ସ୍ତରକୁ ଦେଖ ତା' ପରେ ଯାଇ ନିଜର ଉତ୍ତରକୁ ଦେଖିବ ଯେ, କ'ଣ ତୁମକୁ ଏହି ଅଧିକାର ରହିଛି ଯେ, ତୁମେ ମୋ କଥାକୁ ଏହିପରି ପ୍ରତ୍ୟାଖ୍ୟାନ କରିଦେବ ? ଯଦି ଏପରି ନୁହେଁ ତେବେ କମ୍ ସେ କମ୍ ବିତର୍କ କରିଦେଇ ଥାଆନ୍ତେ ଯେ, ତୁମର ଏହି ଦାବି ଭୁଲ୍ ଅଟେ ଯେ, ମନୁଷ୍ୟ ବାଧ୍ୟ ଓ ତା'ର ସମସ୍ତ କର୍ମ ଅଲ୍ଲାଃତାଲାଙ୍କ ଅଧୀନ ଅଟନ୍ତି । ସେ ଯେପରି ଚାହିଁବେ ମନୁଷ୍ୟ ଠାରୁ ସେପରି କର୍ମ ସମ୍ପାଦନ କରାଇବେ । ସେ ପଛେ ନମାଜ ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଅବା ନକରନ୍ତୁ । ସେ କହିଥାଆନ୍ତେ ବାଧ୍ୟ ପ୍ରସଙ୍ଗ ପବିତ୍ର କୁରଆନ୍ କରୀମ୍ ବିରୁଦ୍ଧୀୟ ଅଟେ । ଏହି ସମସ୍ତ କଥା ଆଁହଜରତ ସ.ଅ କହିପାରି ଥାଆନ୍ତେ। କିନ୍ତୁ ଆପଣ ସ.ଅ ଉପରୋକ୍ତ ଉଭୟ ପନ୍ଥା ମଧ୍ୟରୁ କୌଣସି ପନ୍ଥା ଅବଲମ୍ବନ କଲେ ନାହିଁ ଓ ନା ହିଁ ହ. ଅଲୀ ର.ଅଙ୍କ ଉପରେ କ୍ଷୁବ୍ଧ ହେଲେ, ନା ଯୁକ୍ତି କରି ହ. ଅଲୀ ର.ଅଙ୍କୁ ତାଙ୍କ କଥନର ତ୍ରୁଟି ହେତୁ ତାଙ୍କୁ ଅବଗତ କଲେ । ବରଂ ଏକ ପାକ୍ଷିକ ଭାବରେ ତାଙ୍କର ଉକ୍ତ ଉତ୍ତରରେ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ । କାରଣ ମନୁଷ୍ୟ ମଧ୍ୟ ବଡ଼ ବିଚିତ୍ର ପ୍ରାଣୀ ଅଟେ । ପ୍ରତ୍ୟେକ କଥାରେ ସେ କୌଣସି ନା କୌଣସି ପକ୍ଷ (ପନ୍ଥା ବା ବାଟ) ନିଜର ସୁବିଧାନୁଯାୟୀ ବାହାର କରିନେଇଥାଏ ଏବଂ ଯୁକ୍ତିତର୍କ କରିବାକୁ ଆରମ୍ଭ କରିଦେଇଥାଏ । ବାସ୍ତବରେ ଆପଣ ସ.ଅଙ୍କ ଏତିକି କହିଦେବା ଏପରି ହିତ ନିଜ ମଧ୍ୟରେ ରଖିଥାଏ ଯେ, ଯାହାର ଦଶମାଂଶ ଅନ୍ୟ କୌଣସି ଶତାଧିକ ଯୁକ୍ତିତର୍କ ପର୍ଯ୍ୟନ୍ତ ପହଞ୍ଚି ପାରି ନଥାଆନ୍ତା । ଉକ୍ତ ହଦିସ୍‌ରୁ ଆମମାନଙ୍କୁ ଅନେକ କଥା ଜ୍ଞାତ ହୁଏ । ଆଗକୁ ବିଶ୍ଳେଷଣ ଓ ସମୀକ୍ଷା କରିଛନ୍ତି । ଆପଣ ର.ଅ କହିଲେ, କେଉଁ କେଉଁ କଥା ଜ୍ଞାତ ହୋଇଥାଏ ? ଯହିଁରୁ ଆଁହଜରତ ସ.ଅଙ୍କ ଚରିତ୍ରର ବିଭିନ୍ନ ଦିଗ ଓ ବିଭିନ୍ନ ପକ୍ଷ ଉପରେ ପ୍ରକାଶ ପଡ଼ିଥାଏ । ଏଠାରେ ହିଁ ତାହାର ଚର୍ଚ୍ଚା କରିଦେବା ଯୁକ୍ତିଯୁକ୍ତ ବୋଲି ମନେ ହେଉଛି । **ପ୍ରଥମତଃ** ଏହା ଜ୍ଞାତ ହୋଇଥାଏ ଯେ, ଆପଣ ସ.ଅ ଧାର୍ମିକତା ପ୍ରତି କିପରି ଯତ୍ନବାନ ଥିଲେ ଯେ, ରାତ୍ର ସମୟରେ ବୁଲି ନିଜର ଆତ୍ମୀୟ ସ୍ୱଜନମାନଙ୍କର ଯତ୍ନ ନେଉଥିଲେ ।

ଅନେକ ଲୋକମାନେ ଏପରି ଅଛନ୍ତି ଯେଉଁମାନେ ସ୍ୱୟଂ ତ' ସାଧୁ ଓ ପୁଣ୍ୟବାନ ଅଟନ୍ତି ଏବଂ ସେମାନେ ଲୋକମାନଙ୍କୁ ମଧ୍ୟ ଶିକ୍ଷା ଦେଇଥାଆନ୍ତି । କିନ୍ତୁ ସେମାନଙ୍କ ପରିବାରର ଅବସ୍ଥା ଶୋଚନୀୟ ହୋଇଥାଏ । ସେମାନଙ୍କ ମଧ୍ୟରେ ଏହି ସାମର୍ଥ୍ୟତା ନଥାଏ ଯେ, ସେମାନେ ନିଜ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନମାନଙ୍କର ମଧ୍ୟ ସଂଶୋଧନ କରିବେ । ଏହିପରି ଲୋକମାନଙ୍କ ସଂପର୍କରେ ଏକ ପ୍ରବାଦ ସର୍ବଜନ ବିଦିତ ରହିଛି ଯେ,"**ଦୀପ ତଳେ ଅନ୍ଧାର**" ଅର୍ଥାତ ଯେପରି ଦୀପ ନିଜ ଆଖ ପାଖର ସମସ୍ତ ବସ୍ତୁକୁ ଆଲୋକିତ କରି ଦେଇଥାଏ । କିନ୍ତୁ ନିଜ ତଳେ ଅନ୍ଧାର ହୋଇଥାଏ, ସେହିପରି ଏହି ଲୋକମାନେ ଯେଉଁମାନେ ଅନ୍ୟମାନଙ୍କୁ ଉପଦେଶ ତ' ଦିଅନ୍ତି ହେଲେ ନିଜ ପରିବାର ବର୍ଗଙ୍କ ପ୍ରତି ଚିନ୍ତା କରୁ ନାହାନ୍ତି ଯେ, ସେମାନଙ୍କ ଆଲୋକ ଦ୍ୱାରା ସେମାନଙ୍କ ଘରର ସଦସ୍ୟମାନେ କେଉଁ ଲାଭ ପ୍ରାପ୍ତ କରୁଛନ୍ତି। କିନ୍ତୁ ଆଁହଜରତ ସ.ଅଙ୍କୁ ଉକ୍ତ କଥା ପ୍ରତି ଚିନ୍ତା କରିବା ଏହା ଜ୍ଞାତ ହୁଏ ଯେ, ସେମାନଙ୍କ ଆତ୍ମୀୟ ସ୍ୱଜନମାନେ ମଧ୍ୟ ସେହି ଆଲୋକରୁ ଆଲୋକିତ ହୁଅନ୍ତୁ ଯେଉଁ ଆଲୋକ ଦ୍ୱାରା ସେ ସଂସାରବାସୀଙ୍କୁ ଆଲୋକିତ କରିବାକୁ ଚାହୁଁଥିଲେ ଏବଂ ଏଥି ନିମନ୍ତେ ଆପଣ ସ.ଅ ଶପଥ ମଧ୍ୟ କରୁଥିଲେ ଓ ସେମାନଙ୍କୁ ପରୀକ୍ଷା କରିବା ଏବଂ ସେମାନଙ୍କ ଠାରୁ ଅନୁଭୂତି ପ୍ରାପ୍ତ କରିବାରେ ନିମଗ୍ନ ରହୁଥିଲେ । ଏହା ଆତ୍ମୀୟ ସ୍ୱଜନମାନଙ୍କର ସଂସ୍କାରର ଏପରି ଏକ ସର୍ବୋଚ୍ଚ ସ୍ତରୀୟ ବିଶେଷତା ବା ଗୁଣ ଅଟେ ଯେ, ଯଦି ତାହା ଆପଣ ସ.ଅଙ୍କ ମଧ୍ୟରେ ନଥାଆନ୍ତା ତେବେ ଆପଣ ସ.ଅଙ୍କ ଚରତ୍ରରେ ଏକ ବହୁମୂଲ୍ୟ ବସ୍ତୁର ଅଭାବ ରହିଯାଇ ଥାଆନ୍ତା । କିନ୍ତୁ ଆପଣ ସ.ଅ ସର୍ବୋଚ୍ଚ ଚରିତ୍ରର ସିଂହାସନରେ ଅଭିଷିକ୍ତ ଥିଲେ । ତେଣୁ ଏହି ଦକ୍ଷତା ଓ ଏହିପରି ବିଶେଷତା ଆପଣ ସ.ଅଙ୍କ ମଧ୍ୟରେ ବେଶ୍ ଭର୍ତ୍ତି ହୋଇ ରହିଥିଲା ।

**ଦ୍ୱିତୀୟ କଥା** ଏହା ଜ୍ଞାତ ହୁଏ ଯେ, ଆପଣ ସ.ଅଙ୍କୁ ସେହି ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ରହିଥିଲା ଯାହା ଆପଣ ସ.ଅ ସଂସାର ସମ୍ମୁଖରେ ଉପସ୍ଥାପିତ କରିଥିଲେ ଏବଂ ମୁହୂର୍ତ୍ତକ ପାଇଁ ମଧ୍ୟ ଆପଣ ସ.ଅ ସେହି ଶିକ୍ଷା ଉପରେ ସନ୍ଦେହ ପ୍ରକାଶ କରିପାରୁ ନଥିଲେ । ଯେପରିକି ଲୋକମାନେ ଆପତ୍ତି କରନ୍ତି ଯେ, ନାଉଜୁବିଲ୍ଲାଃ (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) ଆପଣ ସ.ଅ ସଂସାରକୁ ଭୁଆଁ ବୁଲାଇବା ତଥା ବୋକା ବନେଇବା ପାଇଁ ଏବଂ ନିଜର ସତ୍ତାକୁ ସ୍ଥାପନ କରିବା ନିମନ୍ତେ ଏହି ସବୁ ବ୍ୟାପାର ଆରମ୍ଭ କରିଥିଲେ । "ଇସ୍‌ଲାମ୍ ଧର୍ମରେ ବିରୋଧୀମାନେ ଏହି ଆପତ୍ତି କରି ଥାଆନ୍ତି ଅନ୍ୟଥା ଆପଣ ସ.ଅଙ୍କ ଉପରେ କୌଣସି ଐଶୀବାଣୀ ଅବତୀର୍ଣ୍ଣ ହେଉ ନଥିଲା" ଅନେକ ପ୍ରାଚ୍ୟତତ୍ତ୍ୱବିତ୍‌ମାନେ ଏହିପରି ଉଲ୍ଲେଖ କରନ୍ତି ଓ ସେତେବେଳେ ଅବିଶ୍ୱାସକାରୀମାନେ ମଧ୍ୟ ଏହିପରି କହୁଥିଲେ । ଏପରି କଥା ନଥିଲା ବରଂ ଆପଣ ସ.ଅଙ୍କୁ ନିଜକୁ ରସୁଲ୍ ଓ ଈଶ୍ୱରଙ୍କ ତରଫରୁ ନିଯୋଜିତ ହେବାର ଏପରି ହିମପୂର୍ଣ୍ଣ ହୃଦୟ (ଅର୍ଥାତ୍ ପୂର୍ଣ୍ଣ ବିଶ୍ୱାସ) ପ୍ରାପ୍ତ ହୋଇଥିଲା ଯେ, ଏହାର ଦୃଷ୍ଟାନ୍ତ ସଂସାରରେ ଆଜି ପର୍ଯ୍ୟନ୍ତ ମିଳୁ ନାହିଁ । କାରଣ ସମ୍ଭବତଃ ଲୋକମାନଙ୍କ ମଧ୍ୟରେ ଆପଣ ସ.ଅ ଆଡମ୍ବରତା ଏବଂ କୃତ୍ରିମତାକୁ ବିନିଯୋଗ କରି ନିଜର ସତ୍ୟତାକୁ ପ୍ରତିପାଦିତ କରିଥାଆନ୍ତେ । କିନ୍ତୁ ଏହା ଚିନ୍ତା କରାଯାଇ ପାରିବ ନାହିଁ ଯେ, ରାତ୍ର ସମୟରେ ଜଣେ ବ୍ୟକ୍ତି ବିଶେଷ କରି ନିଜର କନ୍ୟା ଓ ନିଜର ଜ୍ୱାଇଁ ନିକଟକୁ ଯାଇ ସେମାନଙ୍କୁ ପଚାରିବା ଯେ, କ'ଣ ସେମାନେ ଉପାସନା ସମ୍ପାଦନ କରୁଛନ୍ତି ଅବା ନୁହେଁ ? ଅର୍ଥାତ୍ ଅଲ୍ଲାଃତାଲା ଯେଉଁ ଉପାସନା ବିଶ୍ୱାସକାରୀମାନଙ୍କ ଉପରେ ଅନିର୍ବାର୍ଯ୍ୟ କରି ନାହାନ୍ତି ବରଂ ଏହାକୁ ସମ୍ପାଦନ କରିବା ବିଶ୍ୱାସକାରୀଙ୍କର ବ୍ୟକ୍ତିଗତ ଅବସ୍ଥା ଉପରେ ଛାଡ଼ି ଦେଇଛନ୍ତି ଏବଂ ସେହି ଉପାସନା ହେଉଛି ଅର୍ଦ୍ଧ ରାତ୍ର ସମୟରେ ନିଦ୍ରାବସ୍ଥାରୁ ଉଠି ସମ୍ପାଦନ ବା ପାଠ କରାଯାଇଥାଏ । ସେହି ସମୟରେ ଆପଣ ସ.ଅଙ୍କ ଘର ବାହାରକୁ ଗମନ କରିବା ଓ ନିଜର ଝିଅ ତଥା ଜ୍ୱାଇଁଙ୍କୁ ଅନୁପ୍ରାଣିତ ଓ ଉତ୍ସାହିତ କରିବା କି ସେମାନେ ନମାଜ୍ ତେହଜ୍ଜୁଦ୍ ପାଠ କରନ୍ତୁ, ଏହା ସେହି ପୂର୍ଣ୍ଣ ବିଶ୍ୱାସକୁ ପ୍ରତିପାଦିତ କରେ ଯାହାକି ଆପଣ ସ.ଅଙ୍କୁ ସେହି ଶିକ୍ଷା ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ଉପରେ ଥିଲା । ଆପଣ ସ.ଅ ସେହି ଶିକ୍ଷା ଉପରେ ଲୋକମାନଙ୍କୁ ପରିଚାଳିତ କରିବା ପାଇଁ ଚାହୁଁଥିଲେ । ଅନ୍ୟଥା ଜଣେ ମିଥ୍ୟାବାଦୀ, ଲମ୍ପଟ ବ୍ୟକ୍ତି ଯିଏ କୌଣସି ଶିକ୍ଷା ଉପରେ ପରିଚାଳିତ ହୁଏ ନାହିଁ ତା'ର ସତ୍‌ଶିକ୍ଷା ଉପରେ ପରିଚାଳତି ହେବା ନହେବା ସମାନ ଅଟେ । ଅର୍ଥାତ୍ ସେହି ବ୍ୟକ୍ତି ଯିଏ ସ୍ୱୟଂ ସତ୍‌ଶିକ୍ଷା ଉପରେ ପରିଚାଳିତ ହୁଏ ନାହିଁ ସେ ପୁଣି ନିଜର ସତ୍‌ଶିକ୍ଷା ଉପରେ ପରିଚାଳିତ ହେବା ପାଇଁ ନିଜର ସନ୍ତାନମାନଙ୍କୁ ଉପଦେଶ ଦେବ । ଏହା ସେତିକିବେଳେ ହୋଇପାରିବ ଯେତେବେଳେ ଜଣେ ବ୍ୟକ୍ତିର ହୃଦୟରେ ବିଶ୍ୱାସ ଥିବ କି ସେ ଉକ୍ତ ଶିକ୍ଷା ଉପରେ ପରିଚାଳିତ ନହେବା ବ୍ୟତୀତ ପୂର୍ଣ୍ଣତ୍ୱତା ପ୍ରାପ୍ତ କରିପାରିବ ନାହିଁ ।

**ତୃତୀୟ କଥା** ହେଉଛି ସେହି କଥା ଯାହାକୁ ପ୍ରମାଣିତ କରିବା ନିମନ୍ତେ ମୁଁ ଉକ୍ତ ଘଟଣାଟିକୁ ବର୍ଣ୍ଣନା କରିଛି ଯେ, ଆଁହଜରତ ସ.ଅ ପ୍ରତ୍ୟେକ କଥାକୁ ବୁଝାଇବା

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ନିମନ୍ତେ ବିନୀତତା ଏବଂ ବିନମ୍ରତାକୁ ବିନିଯୋଗ କରଥିଲେ । ଆପଣ ସ.ଅ କଳହ ତଥା ହିଂସା ପରିବର୍ତ୍ତେ ପ୍ରେମ ଓ ଆନ୍ତରୀକତାର ସହିତ କୌଣସି ବ୍ୟକ୍ତିକୁ ତା'ର ତ୍ରୁଟି ପ୍ରତି ଅବଗତ କରାଉଥିଲେ । ସୁତରାଂ ଇତ୍ୟବସରରେ ଯେତେବେଳେ ହ. ଅଲୀ ର.ଅ ଆପଣ ସ.ଅଙ୍କର ପ୍ରଶ୍ନକୁ ଏହିପରି ଢଙ୍ଗରେ ପ୍ରତ୍ୟାଖ୍ୟାନ କରିବାକୁ ଚେଷ୍ଟା କଲେ ।  ଅର୍ଥାତ୍ ଆମେମାନେ ଯେତେବେଳେ ଶୋଇଯାଉ ସେତେବେଳେ ଆମ ଆୟତ୍ତରେ ନଥାଏ ଯେ ଆମେ ନିଦ୍ରାବସ୍ଥାରୁ ଉଠିଯିବୁ । କାରଣ ଶୋଇଥିବା ବ୍ୟକ୍ତି ନିଜ ଉପରେ ନିୟନ୍ତ୍ରଣ ରଖି ନଥାଏ । ସେ ଯେତେବେଳେ ଶୋଇଯାଏ ସେତେବେଳେ ତା'କୁ ଜଣା ନଥାଏ ଯେ, ଅମକ ସମୟ ଆସିଯାଇଛି, ବର୍ତ୍ତମାନ ମୁଁ  ଅମକ କାମ କରିନେବି । ଅଲ୍ଲାଃତାଲା ଯଦି ଆଖି ଖୋଲି ଦିଅନ୍ତି ଅର୍ଥାତ୍ ନିଦରୁ ଉଠାଇ ଦିଅନ୍ତି ତେବେ ଆମେ ନମାଜ ପାଠ କରି ନେଇଥାଉ ଅନ୍ୟଥା ବାଧ ବାଧକତା ହୋଇଥାଏ (କାରଣ ସେତେବେଳେ ଘଣ୍ଟା ନଥିଲା କି ଆଲାରାମ୍ ନଥିଲା) । ଉକ୍ତ କଥାକୁ ଶୁଣି  ଆଁହଜରତ୍ ସ.ଅ ଅବଶ୍ୟ ଆଶ୍ଚର୍ଯ୍ୟଚକିତ ହୋଇଥାଆନ୍ତେ । କାରଣ ଆପଣ ସ.ଅଙ୍କ ମନରେ ଯେଉଁ ବିଶ୍ୱାସ ରହିଥିଲା ତାହା କେବେ ବି ଆପଣ ସ.ଅଙ୍କୁ ଏପରି ଅବଚେତନ ହେବାକୁ ଦେଉ ନଥିଲା ଯେ, ତେହଜ୍ଜୁଦ୍‌ର ସମୟ ଅତିବାହିତ ହୋଇଯାଏ ଓ ଆପଣ ସ.ଅଙ୍କୁ ଖବର ବି ନଥିବ । ତେଣୁ ଆପଣ ସ.ଅ ଅନ୍ୟ ପାର୍ଶ୍ୱକୁ ମୁହଁ କରି କେବଳ ଏତିକି କହିଲେ ଯେ, ମନୁଷ୍ୟକୁ ଯେତେବେଳେ ଭଲ କଥା କୁହାଯାଏ ସେତେବେଳେ ସେ କଥା ମାନି ନଥାଏ ବରଂ କଳହ କରିଥାଏ । ଅର୍ଥାତ୍ ହେ ଅଲୀ ! ତୁମକୁ ଆଗାମୀ ପାଇଁ ଉଦ୍ୟମ କରିବା ଉଚିତ୍ ଥିଲା । କାରଣ ସମୟ ଯେପରି ଅପଚୟ ନହେଉ ଓ ଏପରି କଥାକୁ ଟାଳଟୁଳ କରିବା ଉଚିତ ନୁହେଁ। ସୁତରାଂ ହ. ଅଲୀ ର.ଅ କୁହନ୍ତି, ଆଁହଜରତ ସ.ଅଙ୍କ ଉକ୍ତ ଉପଦେଶ ପରେ ମୁଁ କେବେ ବି ନମାଜ ତେହଜ୍ଜୁଦ୍ ଛାଡ଼ିଲି ନାହିଁ । **(ସିରତୁନ୍ ନବୀ ସ.ଅ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-1, ପୃ-588-590)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଉକ୍ତ ଘଟଣାଟି ଆମମାନଙ୍କୁ ନମାଜ ତେହଜ୍ଜୁଦ୍ ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରିବା ନିମନ୍ତେ ସ୍ମରଣ ରଖିବା ଉଚିତ୍ । ବିଶେଷ କରି ମୁବଲ୍ଲିଗିନ୍, ପଦାଧିକାରୀମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ରାତ୍ର ସମୟରେ ଦୁଆ ହିଁ ଅଲ୍ଲାଃତାଲାଙ୍କ କୃପାରୁ ଅଧିକ ଆକର୍ଷିତ କରିଥାଏ ଏବଂ ଆଜିକାଲି ତ' ସଂସାରକୁ ବିନାଶରୁ ଉଦ୍ଧାର କରିବା ନିମନ୍ତେ ଏହାର ବିଶେଷ ରୂପେ ଆବଶ୍ୟକତା ରହିଛି ।

ପୁନଶ୍ଚ ଘଟଣାବଳୀ ମଧ୍ୟରେ ବନୁ କୈନ୍‌କା ସଂପ୍ରଦାୟର ଚର୍ଚ୍ଚା ମିଳେ ଯାହା 2 ହିଜ୍ରୀରେ ହୋଇଥିଲା । ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ନବୀ କରୀମ୍ ସ.ଅ ମଦିନା ପ୍ରବାସ ପରେ ଆରବର କୁଫ୍ଫାର୍‌ମାନଙ୍କର ପ୍ରସଙ୍ଗ ଏକାପରି ଆଉ ରହିଲା ନାହିଁ । ଅର୍ଥାତ୍ ସମାନ ରହିଲା ନାହିଁ । ସେମାନେ ତିନି ଭାଗରେ ବିଭକ୍ତ ହୋଇ ଯାଇଥିଲେ । ପ୍ରଥମ ସଂପ୍ରଦାୟ ହେଉଛି ସେହି ସଂପ୍ରଦାୟ ଯାହାଙ୍କ ସହିତ ନବୀ କରୀମ୍ ସ.ଅ ସୁଲାହ୍ (ସନ୍ଧି) ସ୍ଥାପନ କରି ନେଇଥିଲେ । କାରଣ ସେମାନେ ଆପଣ ସ.ଅଙ୍କ ସହିତ ନା ଯୁଦ୍ଧ କରିବେ ଓ ନା ହିଁ ସେମାନେ ଆପଣ ସ.ଅଙ୍କ ବିରୁଦ୍ଧରେ ଶତ୍ରୁମାନଙ୍କୁ ସାହାଯ୍ୟ କରିବେ । ଉକ୍ତ ଚୁକ୍ତିକାରୀ ଇହୁଦୀଙ୍କର ତିନୋଟି ସଂପ୍ରଦାୟ ହେଲେ ଯଥା- ବନୁ କୁରୈଜା, ବନୁ ନୁଜୈର୍, ବନୁ କୈନ୍‌କା । ଦ୍ୱିତୀୟ ଗୋଷ୍ଠୀ ହେଉଛନ୍ତି ସେହିମାନେ ଯେଉଁମାନେ ଆପଣ ସ.ଅଙ୍କ ପ୍ରତି ଶତ୍ରୁତା ଆଚରଣ କଲେ, ଆପଣ ସ.ଅଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ସେହି ଗୋଷ୍ଠୀ ହେଉଛି କୁରୈଶ୍ ଗୋଷ୍ଠୀ । ତୃତୀୟ ଗୋଷ୍ଠୀ ହେଉଛନ୍ତି ସେହିମାନେ ଯେଉଁମାନେ ଆପଣ ସ.ଅଙ୍କୁ ପରିତ୍ୟାଗ କରି ଦେଇଥିଲେ । ସେମାନେ ଆପଣ ସ.ଅଙ୍କ ପରିଣାମ ଦେଖିବା ନିମନ୍ତେ ଅପେକ୍ଷା କରୁଥିଲେ । ଯେପରିକି ଆରବର ଲୋକମାନେ ଏବଂ ଅନ୍ୟ ସଂପ୍ରଦାୟମାନେ । ସେମାନଙ୍କର ଅବସ୍ଥା ମଧ୍ୟ ସମାନ ନଥିଲା । ସେମାନଙ୍କ ମଧ୍ୟରେ ଏପରି କେତେକ ଲୋକ ରହିଥିଲେ ଯେଉଁମାନେ ମନେ ମନେ ହିଁ ଏହା ଚାହୁଁଥିଲେ ଯେ, ମୁସଲମାନମାନଙ୍କୁ ବିଜୟ ପ୍ରାପ୍ତ ହୋଇଯାଉ । ଯେପରିକି ବନୁ ଖିଜାଆ ସଂପ୍ରଦାୟ ଥିଲା । ଆଉ କେତେକ ଲୋକମାନଙ୍କ ପ୍ରସଙ୍ଗ ଏହାର ବିପରୀତ ଥିଲା। ଯେପରିକି ବନୁ ବକର୍‌ର ଲକୋମାନେ ଥିଲେ । ଏପରି କେତେକ ଲୋକମାନେ ମଧ୍ୟ ରହିଥିଲେ ଯେଉଁମାନେ ପ୍ରକାଶ୍ୟ ରୂପେ ତ' ମୁସଲମାନମାନଙ୍କ ସହିତ ଥିଲେ କିନ୍ତୁ ସେମାନେ ଆଭ୍ୟନ୍ତରୀଣ ରୂପେ ଆଁହଜରତ ସ.ଅଙ୍କ ପରିବାର ଲୋକଙ୍କ ବିରୁଦ୍ଧରେ ଶତ୍ରୁମାନଙ୍କୁ ସମର୍ଥନ କରୁଥିଲେ । ଏମାନେ ସମସ୍ତେ କପଟବିଶ୍ୱାସୀ ଥିଲେ । ଆପଣ ସ.ଅ ଯେତେବେଳେ ମଦିନା ଆସିଲେ ସେତେବେଳେ ଆପଣ ସ.ଅ ସମସ୍ତ ଇହୁଦୀମାନଙ୍କ ସହିତ ଚୁକ୍ତି କଲେ । ଆପଣ ସ.ଅ ଓ ସେମାନଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ କରାଗଲା । ପ୍ରତ୍ୟେକ ସଂପ୍ରଦାୟ ନିଜର ମିତ୍ରଙ୍କ ସହିତ ମିଶିଗଲେ । ବର୍ତ୍ତମାନ ଆପଣ ସ.ଅ ନିଜର ଓ ସେମାନଙ୍କ ମଧ୍ୟରେ ଶାନ୍ତି ନାମା ସ୍ୱାକ୍ଷରିତ କରାଇଲେ । ସେମାନଙ୍କ ଉପରେ ଅନେକ ସର୍ତ୍ତ ଲାଗୁ କଲେ । ତନ୍ମଧ୍ୟରୁ ଗୋଟିଏ ସର୍ତ୍ତ ଏହା ଥିଲା କି ସେମାନେ ଆପଣ ସ.ଅଙ୍କ ବିରୁଦ୍ଧରେ ଶତ୍ରୁକୁ ସାହାଯ୍ୟ କରିବେ ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-179, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହା ବୈରୁତ୍ -1993 ମସିହା)**

ହୁଜୁର ଅନ୍‌ୱର ଅ.ବ କହିଲେ, ଏହା ତ' ଚୁକ୍ତି ଥିଲା । ବର୍ତ୍ତମାନ ବନୁ କୈନ୍‌କାର ଯିଏ ଉପଦ୍ରବୀ ଏବଂ ହିଂସା ପ୍ରିୟ ଥିଲା । ଉକ୍ତ ସଂପ୍ରଦାୟ ସଂକ୍ରାନ୍ତରେ ଇତିହାସରେ ଯେଉଁ ପ୍ରାମାଣ୍ୟମାନେ ଉଲ୍ଲେଖ ରହିଛି ତନ୍ମଧ୍ୟରେ ଇବ୍‌ନେ ଇସ୍‌ହାକ୍ କୁହନ୍ତି, ଶାସ୍ ବିନ୍ କୈସ୍ ନାମକ ଜନୈକ ବୃଦ୍ଧ ବ୍ୟକ୍ତି ଥିଲା । ସେହି ବ୍ୟକ୍ତିର ମନରେ ମୁସଲମାନମାନଙ୍କ ପ୍ରତି ବିଦ୍ୱେଷ ଓ ଈର୍ଷାଭାବ ଠୁଳ ହୋଇ ରହିଥିଲା । ଏକଦା ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟ ସହିତ ସଂପର୍କ ରଖିଥିବା କେତେକ ସାହାବାମାନେ ଏକ ସଭାରେ ଏକତ୍ର ବସି ବାର୍ତ୍ତାଳାପ କରୁଥିଲେ କି ଶାସ୍ ବିନ୍ କୈସ ସେହି ସଂପ୍ରଦାୟ ପାଖ ଦେଇ ଅତିକ୍ରମ କଲା । ସେ ଯେତେବେଳେ ସେମାନଙ୍କୁ ଅଶିକ୍ଷିତ ଯୁଗର ଶତ୍ରୁତାକୁ ପାସୋରି ଦେଇ ଇସ୍‌ଲାମ୍ ଧର୍ମ ଯୋଗୁଁ ପରସ୍ପର ମଧ୍ୟରେ ପ୍ରେମ, ସନ୍ଧି, ସଲାହ ସୁଥୁରାର ସହିତ ଏକତ୍ର ମିଳିମିଶି ବସିଥିବାର ଦେଖିଲା ସେତେବେଳେ ସେ କ୍ରୋଧରେ ଦଗ୍ଧୀଭୂତ ହୋଇ ଉଠିଲା । ବନୁ କୈନ୍‌କା ଅର୍ଥାତ ୱସ୍ ଓ ଖଜ୍‌ରଜ୍ ସମ୍ପ୍ରଦାୟର ଅଧିପତିମାନେ ସହରରେ ଏକତ୍ରିତ ହୋଇସାରିଥିଲେ । ସେ (ଶାସ୍ ବିନ୍ କୈସ୍) ସହସା ବନୁ କୈଲା, ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟର ଅଧିପତିମାନଙ୍କୁ କହିଲା (ଯେଉଁ ଅଧିପତିମାନେ ଏକତ୍ରିତ ହୋଇଯାଇଥିଲେ) ହେ ଅଧିପତିଗଣ ତେବେ ଆମ ପାଇଁ ଏଠାରେ ସେମାନଙ୍କ ସହିତ ରହିବାର କୌଣସି ଠିକଣା ନାହିଁ ଏବଂ ସେମାନଙ୍କୁ ଉସ୍‌କାଇବା ଓ ଉତ୍ତେଜିତ କରିବା ନିମନ୍ତେ ଉଦ୍ୟମ କଲା। ତା' ସହିତ ଜଣେ ଇହୁଦୀ ଯୁବକ ଥିଲା । ଶାସ୍ ବିନ୍ କୈସ୍ ସେହି ଯୁବକକୁ ଆଦେଶ ଦେଲା କି ହେ ଯୁବକ ! ତୁମେ ସେମାନଙ୍କ (ଅଧିପତିଙ୍କ) ନିକଟକୁ ଯାଅ ଓ ସେମାନଙ୍କ ଗହଣରେ ଯାଇ ବସିଯାଅ । ପୁନଶ୍ଚ ସେମାନଙ୍କ ସମ୍ମୁଖରେ ବୁଆସ୍ ଯୁଦ୍ଧ ଏବଂ ତା' ପୂର୍ବବର୍ତ୍ତୀ ଘଟଣାବଳୀର ଚର୍ଚ୍ଚା ଆରମ୍ଭ କରିଦିଅ ଓ ସେହି ଯୁଦ୍ଧ ସଂକ୍ରାନ୍ତରେ ସେମାନେ ପରସ୍ପର ମଧ୍ୟରେ ଯେଉଁ କବିତା କହିଥିଲେ ସେହି କବିତା ମଧ୍ୟରୁ କେତେକ ପଂକ୍ତି ଶୁଣାଇ ଦିଅ । ବୁଆସ୍  ଯୁଦ୍ଧ ଅଶିକ୍ଷିତ ଯୁଗରେ ୱସ୍ ଓ ଖଜରଜ୍ ସଂପ୍ରଦାୟ ମଧ୍ୟରେ ହୋଇଥିଲା । ଯହିଁରେ ୱସ୍ ସଂପ୍ରଦାୟକୁ ଖଜ୍‌ରଜ୍ ସଂପ୍ରଦାୟ ଉପରେ ବିଜୟ ପ୍ରାପ୍ତ ହୋଇଥିଲା । ସେତେବେଳେ ୱସ୍ ସଂପ୍ରଦାୟର ଅଧିପତି ହୁଜୈର୍ ବିନ୍ ସିମାକ୍ ଅଶ୍‌ହଲୀ ଥିଲା । ହୁଜୈର୍ ହ. ଉସୈଦ୍ ର.ଅଙ୍କ ପିତା ଥିଲା । ଖଜ୍‌ରଜ୍ ସଂପ୍ରଦାୟର ଅଧିପତି ଅମ୍ର ବିନ୍ ନୁମାନ୍ ବୟାଜି ଥିଲା। ଏମାନେ ଦୁହେଁ ସେହି ଯୁଦ୍ଧରେ ନିହତ ହୋଇଥିଲେ । ସେହି ଇହୁଦୀ ଯୁବକ ଜଣକ ମୁସଲମାନମାନଙ୍କ ସଭାରେ ବସି ସେହି ଚର୍ଚ୍ଚା ଆରମ୍ଭ କଲା ଓ ନିଆଁରେ ଘିଅ ଢାଳିବାର କାର୍ଯ୍ୟ କଲା । ୱସ୍ ସଂପ୍ରଦାୟ ଏବଂ ଖଜରଜ୍ ସଂପ୍ରଦାୟର ସୁସୁପ୍ତ ଭାବାବେଗ ପୁନଃ ପ୍ରଜ୍ୱଳିତ ହୋଇ ଉଠିଲା ଏବଂ ସେମାନେ ଅଗ୍ନି ପରି ଜଳି ଉଠିଲେ। ସେମାନଙ୍କ ମଧ୍ୟରେ ତୁ ତୁ ମୁଁ ମୁଁ ବଚ୍‌ସା ଆରମ୍ଭ ହୋଇଗଲା । ସେମାନେ ପରସ୍ପର ମଧ୍ୟରେ କଳହ କରିବାକୁ ଲାଗିଲେ ଏବଂ ପରସ୍ପର ଉପରେ ଗର୍ବ ତଥା ଅହଂ ଭାବ ପ୍ରକାଶ କରିବାକୁ ଲାଗିଲେ । କଥା ଏତେ ଆଗକୁ ବଢିଗଲା ଯେ, ଉଭୟ ସଂପ୍ରଦାୟ ମଧ୍ୟରୁ ଜଣେ ଜଣେ ଲେଖାଏଁ ବ୍ୟକ୍ତି ମୁହାଁମୁହିଁ ହୋଇ ଆଣ୍ଠୁ ମାଡ଼ି ବସିଗଲେ ଓ ପରସ୍ପର ମଧ୍ୟରେ ବଚ୍‌ସା କରିବାକୁ ଲାଗିଲେ । ବଚ୍‌ସା ବୃଦ୍ଧି ପାଇଲା। କଥା କଟାକଟି ବୃଦ୍ଧି ପାଇଲା । ୱସ୍ ସଂପ୍ରଦାୟ ପକ୍ଷରୁ ଆୱସ୍ ବିନ୍ କୈଜି ଓ ଖଜ୍‌ରଜ୍ ସଂପ୍ରଦାୟ ପକ୍ଷରୁ ଜବ୍‌ବାର୍ ବିନ୍ ସଖର୍ ବଚ୍‌ସା କରୁଥିଲେ । ବାଦ ବିବାଦ ବା ଯୁକ୍ତିତର୍କ ସମୟରେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଅନ୍ୟ ଜଣକୁ କହିଦେଲା ଯେ, ତୁମେ ଯଦି ଚାହୁଁଛ ତେବେ ଆମେ ବର୍ତ୍ତମାନ ସେହି ଯୁଦ୍ଧକୁ ପୁନଃ ଆରମ୍ଭ କରିଦେବୁ । ସୁତରାଂ ଉଭୟ ପକ୍ଷ କ୍ରୋଧାନ୍ୱିତ ହୋଗଲେ ଏବଂ ସେମାନେ କହିଲେ ଆମେ ଏଥି ନିମନ୍ତେ ପ୍ରସ୍ତୁତ ଅଛୁ । ବର୍ତ୍ତମାନ ସେହି ସଂପ୍ରଦାୟ ଏକ ପକ୍ଷରେ ମୁସଲମାନ ହୋଇଯାଇଛନ୍ତି ଆଉଣ ପୁଣି ଅନ୍ୟ ପାର୍ଶ୍ୱରେ ଅଶିକ୍ଷିତମୂଳକ ଏହି କଥା ଏବଂ ବଚ୍‌ସା ମଧ୍ୟ ତା' ସହିତ ଜାରି ରହିଛି ।  ପୁନଶ୍ଚ କହିବାକୁ ଲାଗିଲେ ଯେ, ତୁମର ପ୍ରତିଶ୍ରୁତିର ସ୍ଥାନ ହର୍‌ରାହ୍ ଅଟେ । ମଦିନାରେ ଦୁଇଟି ହରରାହ୍ ଅବସ୍ଥିତ ଅଟେ । ହର୍‌ରାହ୍ କହିଲେ, କୃଷ୍ଣକାୟ ପଥୁରିଆ ଭୂମିକୁ ବୁଝାଏ ଏବଂ ପୂର୍ବ ଦିଗ ଅଭିମୁଖେ ହର୍‌ରାଏ ୱାକିମ୍ ଅବସ୍ଥିତ ଅଟେ । ତାହାକୁ ହର୍‌ରାହ୍ ବନୁ କୁରୈଜା

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ:  Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ମଧ୍ୟ କୁହନ୍ତି । ଦ୍ୱିତୀୟ ହର୍‌ରାହ୍ ହେଲା ହର୍‌ରତୁଲ୍ ୱବ୍‌ରାହ୍ । ଏହା ପଶ୍ଚିମ ଦିଗରେ ଅବସ୍ଥିତ ଅଟେ । ଅର୍ଥାତ୍ ଗୋଟିଏ ହର୍‌ରାହ୍ ପୂର୍ବ ଦିଗରେ ଅବସ୍ଥିତ ଅଟେ ଓ ଅନ୍ୟଟି ପଶ୍ଚିମ ଦିଗରେ ଅବସ୍ଥିତ ଅଟେ । ଅର୍ଥାତ୍ ହର୍‌ରତୁଲ୍ ୱବ୍‌ରାହ୍ ମଦିନା ମଧ୍ୟବର୍ତ୍ତୀ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ତତ୍‌ସହିତ ଏହି କୋଳାହଳ ହେଲା ଯେ, ଅସ୍ତ୍ର ! ଅସ୍ତ୍ର ! ଏହାପରେ ପରିବେଶ ଅତ୍ୟନ୍ତ ଉଷ୍ଣ ହୋଇଗଲା ଏବଂ ଉଭୟ ପକ୍ଷରୁ ଘମାଘୋଡ଼ ଯୁଦ୍ଧର ପ୍ରସ୍ତୁତି ହେବାକୁ ଲାଗିଲା । ଉଭୟ ସଂପ୍ରଦାୟର ଲୋକମାନେ ନିର୍ଦ୍ଧାରିତ ସମୟରେ ହର୍‌ରାହ ଅଭିମୁଖେ ବାହାରି ପଡ଼ିଲେ ଏବଂ ଖୁବ୍ ନିକଟବର୍ତ୍ତୀ ଥିଲା ଯେ, ରକ୍ତପାତ ଆରମ୍ଭ ହୋଇଯାଇ ଥାଆନ୍ତା । କିନ୍ତୁ ଅଲ୍ଲାଃତାଲା ଏପରି କଲେ ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ଉକ୍ତ ସମସ୍ତ ଘଟଣା ବୃତ୍ତାନ୍ତ ସଂପର୍କରେ ସୂଚନା ପ୍ରାପ୍ତ ହୋଇଗଲା । ଖବର ଶୁଣିବା ମାତ୍ରେ ଆପଣ ସ.ଅ ତତ୍‌କ୍ଷଣା ପ୍ରବାସକାରୀ ସାହାବାମାନଙ୍କୁ ଧରି ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟର ଲୋକମାନଙ୍କ ନିକଟକୁ ନେଇଗଲେ । ଆପଣ ସ.ଅ ଅତ୍ୟନ୍ତ ବୁଦ୍ଧିମତା, ବିଚକ୍ଷଣତା ଏବଂ ଚତୁରତାର ସହିତ ସେମାନଙ୍କୁ ସମ୍ବୋଧିତ କରି କହିଲେ: ଅଲ୍ଲାଃ ! ଅଲ୍ଲାଃ ! (ହେ ପ୍ରଭୁ !) ମୋ ଥାଉ ଥାଉ ଅଶିକ୍ଷିତ ଡାକ (ସ୍ୱର) ? ଅର୍ଥାତ୍ ଅଲ୍ଲାଃତାଲା ତୁମକୁ ଇସ୍‌ଲାମ୍ ଧର୍ମ ପ୍ରତି ମାର୍ଗଦର୍ଶନ କରିବା ସତ୍ତ୍ୱେ ତୁମେମାନେ ପୁଣିଥରେ ଅଶିକ୍ଷତା ପ୍ରଦର୍ଶନ କରୁଛ। ଅଲ୍ଲାଃତାଲା ତୁମମାନଙ୍କୁ ଇସ୍‌ଲାମ୍ ଧର୍ମ ମାଧ୍ୟମରେ ସମ୍ମାନ ପ୍ରଦାନ କଲେ । ତୁମ ଠାରୁ ଅଶିକ୍ଷିତତାର ସମସ୍ତ ଲକ୍ଷଣକୁ ସମାପ୍ତ କରିଦେଲେ । ତୁମମାନଙ୍କୁ ଅବଜ୍ଞତା ଠାରୁ ମୁକ୍ତି ପ୍ରଦାନ କଲେ ଓ ତୁମମାନଙ୍କ ମଧ୍ୟରେ ଆନ୍ତରୀକତା ସୃଷ୍ଟି କରିଦେଲେ। ଏସବୁ ସତ୍ତ୍ୱେ ବର୍ତ୍ତମାନ ତୁମେମାନେ ଏପରି ମୂର୍ଖତାପୂର୍ଣ୍ଣ କୃତ୍ୟ (ଆଚରଣ ପ୍ରଦର୍ଶନ) କରୁଛ । ରସୁଲୁଲ୍ଲାଃ ସ.ଅଙ୍କ ଉକ୍ତ କଥୋପକଥନର ଏପରି ଭବ୍ୟ ପ୍ରଭାବ ପଡ଼ିଲା ଯେ, ସେମାନେ ନିଜର କୃତ୍ୟ ଉପରେ ଅନୁତପ୍ତ ଭାବ ପ୍ରକାଶ କଲେ ଏବଂ କ୍ରନ୍ଦନ (କାନ୍ଦିବା) କରିବା ଆରମ୍ଭ କରିଦେଲ । ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟର ଲୋକମାନେ ଯେଉଁମାନେ ପରସ୍ପର ସହିତ ଲଢିବା ନିମନ୍ତେ ଏକତ୍ରିତ ହୋଇଥିଲେ ସେମାନେ ସମସ୍ତ ପରସ୍ପରକୁ ଆଲିଙ୍ଗନ କଲେ । ପୁଣିଥରେ ଆମେ ଶୁଣିଲୁ ଓ ଆଜ୍ଞା ପାଳନ ପ୍ରଦର୍ଶନ କରି ରସୁଲୁଲ୍ଲାଃ ସ.ଅଙ୍କ ସହିତ ଫେରି ଆସିଲୁ । ଉକ୍ତ ଜୀବନୀ ଇବ୍‌ନେ ହିଶ୍ଶାମଙ୍କର ବିବରଣୀ ଅଟେ । **(ସିରତ ଇବ୍‌ନେ ହିଶ୍ଶାମ୍, ପୃ-385-386, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହା) (ଜୀବନୀ ଶବ୍ଦକୋଷ, ପୃ-101-102, ପ୍ରକାଶନ ସ୍ଥାନ-ଜୱାର୍ ଏକାଡ଼େମୀ, କରାଚୀ, ପାକିସ୍ତାନ)**

ଇହୁଦୀମାନଙ୍କ ପକ୍ଷରୁ ଚୁକ୍ତିର ବିରୁଦ୍ଧାଚରଣ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ବଦର୍ ଯୁଦ୍ଧରେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଭବ୍ୟ ବିଜୟ ପ୍ରଦାନ କଲେ ସେତେବେଳେ ସେହି ଲୋକମାନଙ୍କର ବିଦ୍ରୋହ ଖୋଲି ସାମ୍ନାକୁ ଆସିଗଲା। ଆଁହଜରତ ସ.ଅ ଓ ମୁସଲମାନମାନଙ୍କ ପ୍ରତି ସେମାନଙ୍କର ଈର୍ଷାଭାବ ପ୍ରକଟିତ ହୋଇଗଲା । ନିଜର ସେହି ଈର୍ଷା ଓ ଦ୍ୱେଷ ଯୋଗୁଁ ସେମାନେ ନିଜର ପ୍ରତିଶୃତିକୁ ସମାପ୍ତ କରିଦେଲେ । ସେମାନେ ଏହା କହିବା ଆରମ୍ଭ କରିଦେଲ ଯେ, ହେ ମୁହମ୍ମଦ୍ (ସ.ଅ) ! ଆପଣ ସ.ଅ ଏହା ଭାବନ୍ତି ଯେ, ଆମେମାନେ ଆପଣଙ୍କ ଜାତି ପରି ଜାତି ଅଟୁ । ଆପଣ ସ୍ୱୟଂ କପଟ ଗ୍ରସ୍ତ ହୁଅନ୍ତୁ ନାହିଁ । କାରଣ ଆପଣ ସ.ଅ ଏଭଳି ଏକ ଜାତି ସହିତ ମୁକାବିଲା କରିଛନ୍ତି ଯିଏ ଯୁଦ୍ଧରୁ ଅନବଗତ ଓ ଅଜ୍ଞାତ ଥିଲେ । ତେଣୁ ଆପଣ ସ.ଅଙ୍କୁ ସେହି ଜାତି ଉପରେ ବିଜୟ ପ୍ରାପ୍ତ କରିବାକୁ ସୁଯୋଗ ପ୍ରାପ୍ତ ହୋଇଗଲା । ଅର୍ଥାତ୍ ବଦର୍ ଯୁଦ୍ଧ ଆଡ଼କୁ ଇଙ୍ଗିତ କରି କହିଲେ ଯେ, ମକ୍କାର ଅବଜ୍ଞକାରୀମାନଙ୍କୁ ଆପଣ ସ.ଅ ପରାସ୍ତ କରି ଦେଇଛନ୍ତି, ଆମେମାନେ ଏପରି ନାହୁଁ । ଆମେମାନେ ସାହାସୀ ଓ ବୀର ଅଟୁ । ଈଶ୍ୱରଙ୍କ ଶପଥ କରି କହୁଛୁ! ଆମେମାନେ ଯଦି ଆପଣ ସ.ଅଙ୍କ ସହିତ ଯୁଦ୍ଧ କଲୁ ତେବେ ଆପଣ ସ.ଅଙ୍କୁ ଜ୍ଞାତ ହୋଇଯିବ ଯେ, ବୀର ପୁରୁଷ ଆମେ ଅଟୁ । ଇହୁଦୀମାନଙ୍କର ତିନୋଟି ସଂପ୍ରଦାୟ ମଧ୍ୟରୁ ଯେଉଁମାନେ ସ୍ରବପ୍ରଥମେ ଚୁକ୍ତିର ଖିଲାଫକାରୀ (ବିରୁଦ୍ଧାଚରଣ) ଓ ବିଶ୍ୱାସଘାତ କଲା ସେହି ଇହୁଦୀ ସମ୍ପ୍ରଦାୟ ହେଉଛି ଥିଲା ।

ସେହି ମୁସଲମାନମାନଙ୍କ ସହିତ ଯାହାଙ୍କ ସହିତ ଇହୁଦୀମାନେ ଅସଦାଚରଣ ଥିଲା ସେହି ଉପଦ୍ରବ ସଂକ୍ରାନ୍ତରେ ଏକ ଘଟଣାର ଉଲ୍ଲେଖ ମଧ୍ୟ ରହିଛି । ସେହି ଘଟଣାଟି ଜଣେ ମୁସଲମାନ ମହିଳାର ଘଟଣା ଥିଲା । ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅଙ୍କ ସହିତ ଇହୁଦୀମାନଙ୍କର ଶତ୍ରୁତା ପ୍ରକାଶ ସଙ୍ଗେ ସଙ୍ଗେ ଉକ୍ତ ଘଟଣାଟି ମଧ୍ୟ ଘଟିଥିଲା ଯେ, ଜଣେ ଅନ୍‌ସାରୀ ବ୍ୟକ୍ତିର ପତ୍ନି ନିଜର ବ୍ୟାପାର ଜିନିଷ ପତ୍ର ନେଇ ବନୁ କୈନ୍‌କା ବଜାରକୁ ଆସିଲା । ସେହି ଜିନିଷ ପତ୍ର ମଧ୍ୟରେ ଓଟ, ଛେଳୀ ଇତ୍ୟାଦି ଜୀବମାନେ ରହିଥିଲେ । କାରଣ ଉକ୍ତ ଜୀବଙ୍କ ବିକ୍ରି କରି ଲାଭବାନ ହୋଇପାରିବ ସେହି ମହିଳା । ସୁତରାଂ ଉକ୍ତ ଜୀବକୁ ସେ ବନୁ କୈନ୍‌କା ବଜାରରେ ବିକ୍ରି କଲା ଓ ଏହାପରେ ସେହିଠାରେ ଜଣେ ଇହୁଦୀ ବଣିଆ ଦୋକାନ ଥିଲା ତା' ପାଖରେ ଯାଇ ସ୍ୱର୍ଣ୍ଣାଳଙ୍କାର କିଣିବା ପାଇଁ ବସିଗଲା। ସେହି ମହିଳା ଜଣକ ନିଜର ଶରୀର ଓ ମୁଖମଣ୍ଡଳକୁ ଘୋଡ଼ାଇଥିଲା । କେତେକ ଖଳ ପ୍ରକୃତିର ଇହୁଦୀମାନେ ସେହି ମହିଳାକୁ ଚେହେରା ଦେଖାଇବା ପାଇଁ ଜିଦ୍ କଲେ । କିନ୍ତୁ ମହିଳା ଜଣକ ସେମାନଙ୍କୁ ଚେହେରା ଦେଖାଇବା ପାଇଁ ଅସ୍ୱୀକାର କରିଦେଲା। ଫଳତଃ ଦୋକାନୀ ଜଣକ ଉଠି ତା'ର ନକାବ୍ (ବୁର୍କା)ର ଏକ କୋଣକୁ ଧୀରେ କରି ସେହି ମହିଳାର ପଶ୍ଚାତ୍ ଭାଗ ଆଡ଼କୁ ଯାଇ କୌଣସି ବସ୍ତୁ ଦ୍ୱାରା ବାନ୍ଧି ଦେଲା କିମ୍ବା ଅନ୍ୟ ଏକ ବର୍ଣ୍ଣନାରେ ଏପରି ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ସେହି ବଣିଆ ଜଣକ ନିରବତାର ସହିତ ଯାଇ ଉକ୍ତ ମହିଳାର ଚଦରର ଏକ ପାର୍ଶ୍ୱକୁ କଣ୍ଟା କିମ୍ବା ଲୁହା କଣ୍ଟାରେ ଗୁଡ଼ାଇ ଦେଲା । ଯଦ୍ଦ୍ୱାରାକି ସେହି ମହିଳାର ବସ୍ତ୍ର ଖୋଲିଗଲା ଓ ତା' ଶରୀର ନିର୍ବସ୍ତ୍ର ହୋଇ ନଗ୍ନତା ଦୃଶ୍ୟମାନ ହୋଇଗଲା । ଫଳତଃ ଇହୁଦୀମାନେ ଅଟ୍ଟହାସ୍ୟ ପ୍ରକାଶ କରିବାକୁ ଲାଗିଲେ । ଉକ୍ତ ଅସଦାଚରଣ ହେତୁ ସେହି ମହିଳା ଜଣକ ଚିତ୍କାର କରିବାକୁ ଆରମ୍ଭ କରିଦେଲା । ସେହି ଦୋକାନ ଦେଇ ଜଣେ ମୁସଲମାନ ବ୍ୟକ୍ତି ଅତିକ୍ରମ କରୁଥିଲା ସେ ଯେତେବେଳେ ଇହୁଦୀମାନଙ୍କର ଏତାଦୃଶ ଉପଦ୍ରବମୂଳକ ଆଚରଣ ଦେଖିଲା ସେତେବେଳେ ସେହି ବଣିଆ ଉପରେ ଲମ୍ଫ ମାରି ଆକ୍ରମଣ କରିଦେଲା ଏବଂ ଖଡ଼୍‌ଗ ଦ୍ୱାରା ସେହି ବଣିଆକୁ ହତ୍ୟା କରିଦେଲା । ଏହା ଦେଖି ସେଠାରେ ଉପସ୍ଥିତ ଥିବା ଇହୁଦୀମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ ଓ ତା'କୁ ଶହୀଦ୍ କରିଦେଲେ। ଉକ୍ତ ଘଟଣା ପରେ ମୁସଲମାନମାନେ ବନୁ କୈନ୍‌କାର ଇହୁଦୀମାନଙ୍କ ବିରୁଦ୍ଧରେ ଗମ୍ଭୀର ଉଦ୍‌ବେଗ ଓ କ୍ରୋଧ ସୃଷ୍ଟି ହୋଇଗଲା । ଆପଣ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ କହିଲେ, ଏହି ପ୍ରକାରର ଆଚରଣ ପାଇଁ ଆମମାନଙ୍କର ଓ ଇହୁଦୀମାନଙ୍କ ମଧ୍ୟରେ ଚୁକ୍ତି ହୋଇ ନଥିଲା । ହ. ଉବାଦା ବିନ୍ ସାମିତ୍ ର.ଅ କହିବାକୁ ଲାଗିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଅଲ୍ଲାଃତାଲା, ତାହାଙ୍କ ବାର୍ତ୍ତାବହ ଓ ମୁସଲମାନମାନଙ୍କର ସାଥି ଅଟେ ଏବଂ ସେହି ଅବଜ୍ଞାକାରୀମାନଙ୍କ ଚୁକ୍ତିରୁ ନିଜକୁ ମୁକ୍ତ କରୁଛି । ସେ ଯାହା ହେଉ ଆଁହଜରତ ସ.ଅ ବନୁ କୈନ୍‌କା ସଂପ୍ରଦାୟକୁ ବୁଝାଇବା ପାଇଁ ଶତଚେଷ୍ଟା କଲେ, କିନ୍ତୁ ସେମାନେ ବୁଝିବା ପରିବର୍ତ୍ତେ ଆପଣ ସ.ଅ.ଙ୍କୁ ଧମକ ଦେବାକୁ ଲାଗିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-284, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁମ୍-2002 ସିହାରୁ ଉଦ୍ଧୃତ) (ସିରତ ଇବ୍‌ନେ ହିଶ୍ଶାମ୍, ପୃ-385-386, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହା)**

ଉକ୍ତ ବୁଝାସୁଝା ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ଏହିପରି ଉଲ୍ଲେଖ ରହିଛି ଯେ, ବନୁ କୈନ୍‌କାକୁ ଏକତ୍ରିତ କରି ଆଁହଜରତ ସ.ଅଙ୍କୁ କହିଲେ, ହେ ଇହୁଦୀମାନଙ୍କର ଗୋଷ୍ଠୀ ! ଅଲ୍ଲାଃତାଲାଙ୍କ ପକ୍ଷରୁ ଏପରି ବିନାଶ ଅବତୀର୍ଣ୍ଣ ହେବ ଯେଉଁ ବିନାଶ ଠାରୁ ତୁମମାନଙ୍କୁ ବର୍ତ୍ତିବା ପାଇଁ ଉଦ୍ୟମ କରିବା ଉଚିତ୍ ଯେପରି ବଦର୍ ଯୁଦ୍ଧ ଅବସରରେ ଅଲ୍ଲାଃତାଲା କୁରୈଶ୍‌ମାନଙ୍କ ଉପରେ ବିନାଶ ଅବତୀର୍ଣ୍ଣ କରିଥିଲେ। ଅତଏବ୍ ତୁମେମାନେ ଆଜ୍ଞାକାରୀ ଓ ଆଜ୍ଞାନୁବର୍ତ୍ତୀ ହୋଇଯାଅ । କାରଣ ମୁଁ ଅଲ୍ଲାଃତାଲାଙ୍କ ପକ୍ଷରୁ ବାର୍ତ୍ତାବହ ରୂପେ ପ୍ରେରିତ ହୋଇଅଛି ଏବଂ ଉକ୍ତ ବାସ୍ତବତାକୁ ତୁମେମାନେ ନିଜର ଗ୍ରନ୍ଥମାନଙ୍କରେ ଉଲ୍ଲିଖିତ ଥିବାର ପାଉଅଛ ଓ ଉକ୍ତ ଶପଥକୁ ମଧ୍ୟ ଯେଉଁ ଶପଥ ବା ଅଙ୍ଗୀକାର ଅଲ୍ଲାଃତାଲା ତୁମେମାନଙ୍କ ଠାରୁ ନେଇଥିଲେ । ସେମାନେ କହିଲେ, ହେ ମୁହମ୍ମଦ୍ ! (ସ.ଅ) ଆପଣ ବୋଧ ହୁଏ ଏହା ମନେକରୁଛନ୍ତି ଯେ, ଆମେମାନେ ମଧ୍ୟ ଆପଣଙ୍କ ଜାତି ପରୁ ଅଟୁ । ଉକ୍ତ ଭ୍ରମରେ ଆଦୌ ରୁହନ୍ତୁ ନାହିଁ। କାରଣ ଆପଣ ଏପର୍ଯ୍ୟନ୍ତ ଏପରି ଜାତି ସହିତ ମୁହାଁମୁହିଁ ହୋଇଛନ୍ତି ଯିଏ ଯୁଦ୍ଧ ଓ ତା'ର କୌଶଳ ସଂପର୍ରେ ଜାଣି ନାହାନ୍ତି ଓ ସେମାନେ ଅନବଗତ ଅଟନ୍ତି । ତେଣୁ ଆପଣ ସେମାନଙ୍କୁ ଅତି ସହଜରେ ପରାସ୍ତ କରିଦେଇଥିଲେ । କିନ୍ତୁ ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ! ଆପଣ ଯଦି ଆମମାନଙ୍କ ସହିତ ଯୁଦ୍ଧ କରନ୍ତି ତେବେ ଆପଣ ସ.ଅଙ୍କୁ ଜ୍ଞାତ ହୋଇଯିବ ଯେ, ଆପଣ କେଉଁ ବୀରଙ୍କ ସହିତ ମୁହାଁମୁହିଁ ଓ ସଂଘର୍ଷ କରୁଛନ୍ତି । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ଯେତେବେଳେ ବଦର୍ ଯୁଦ୍ଧ ଅବସରରେ ଇହୁଦୀମାନଙ୍କର ସର୍ତ୍ତଭଙ୍ଗ ସଂପର୍କରେ ଜ୍ଞାତ ହେଲା ସେତେବେଳେ ଆପଣ ସ.ଅ ଇହୁଦୀମାନଙ୍କୁ ବନୁ କୈନ୍‌କା ବଜାରରେ ଏକତ୍ରିତ କରି ସେମାନଙ୍କୁ ସତର୍କ ଓ ସାବଧାନ କରାଇଥିଲେ ।

ସେ ଯାହା ହେଉ ଏହା ସେମାନଙ୍କ ପାଇଁ ସତର୍କ ବାଣୀ ଥିଲା ଏବଂ ସେମାନଙ୍କର

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଉତ୍ତର ଏହା ରହିଥିଲା ଯାହାକି ଉପରୋକ୍ତରେ ବର୍ଣ୍ଣନା କରାଯାଇଛି । ଏତଦ୍‌ପରେ ଇହୁଦୀମାନେ ସେଠାରୁ ଯାଇ ଦୁର୍ଗରେ ଆଶ୍ରୟ ନେଇଥିଲେ । ଉପରୋକ୍ତର ବର୍ଣ୍ଣିତ ସମସ୍ତ ପ୍ରସଙ୍ଗ ତଥା କଥାବାର୍ତ୍ତା ଯାହାକି ଇହୁଦୀମାନଙ୍କ ମଧ୍ୟରେ ଓ ଆଁହଜରତ ସ.ଅଙ୍କ ମଧ୍ୟରେ ହୋଇଥିଲା ତା'ପରେ ସେମାନେ (ଇହୁଦୀମାନେ) ନିଜ ଦୁର୍ଗକୁ ଚାଲିଗଲେ । ଆଁହଜରତ ସ.ଅ ସେମାନଙ୍କ ଅଭିମୁଖେ ବାହାରି ପଡ଼ିଲେ ଓ ଆପଣ ସ.ଅ ଅବୁ ଲବାବାଙ୍କୁ ମଦିନାରେ ନିଜର ପ୍ରତିଷ୍ଠାନିକ ଅମୀର୍ ରୂପେ ନିଯୁକ୍ତ କଲେ । ଆପଣ ସ.ଅଙ୍କ ଧ୍ୱଜାର ରଙ୍ଗ କୃଷ୍ଣ (କଳା) ଥିଲା ଓ ସେହି ଧ୍ୱଜାକୁ ଆପଣ ସ.ଅଙ୍କ ଚଚା ହ. ହମ୍‌ଜାହ୍ ର.ଅ ଟେକି ଧରିଥିଲେ । ବନୁ କୈନ୍‌କା ସଂପ୍ରଦାୟକୁ ଘେରି ନିଆଗଲା । ଏହାର ବିସ୍ତୃତ ବିବରଣୀରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ 15 ଦିନ ପର୍ଯ୍ୟନ୍ତ ବନୁ କୈନ୍‌କା ସଂପ୍ରଦାୟର ଇହୁଦୀମାନଙ୍କର ଘେରାଉ ଜାରି ରଖିଲେ ଏବଂ ଆପଣ ସ.ଅ ଉକ୍ତ ଯୁଦ୍ଧ ନିମନ୍ତେ ଶୱାଲ୍ ମାସ ପ୍ରଥମ ତାରିଖ ଦିନ ବାହାରିଥିଲେ ଓ ଜୁଲ୍ କାଆଦାର ଚନ୍ଦ୍ର ବାହାରିବା ପର୍ଯ୍ୟନ୍ତ ସେହିଠାରେ ହିଁ ଅବସ୍ଥାନ କରିଥିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-285, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-179, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ଅଲ୍ଲାଃତାଲା ସେମାନଙ୍କ ହୃଦୟରେ ମୁସଲମାନମାନଙ୍କର ଭୟ ଉତ୍ପନ୍ନ କରିଦେଲେ । ବନୁ କୈନ୍‌କା ସଂପ୍ରଦାୟର ସେହି ଇହୁଦୀମାନଙ୍କ ମଧ୍ୟରେ 400 ଯୋଦ୍ଧା ସୈନ୍ୟମାନେ ରହିଥିଲେ ଯେଉଁମାନେ ଦୁର୍ଗର ସୁରକ୍ଷା ନିମନ୍ତେ ମୁତୟନ ହୋଇଥିଲେ ଏବଂ 300 ସୁରକ୍ଷା କବଚ ପରିଧାନକାରୀ ଥିଲେ । ପରିଶେଷରେ ଦୁର୍ଗ ଅବରୋଧ ତଥା ଘେରାଉରୁ ଅତିଷ୍ଠ ହୋଇ ଇହୁଦୀମାନେ ଆଁହଜରତ ସ.ଅଙ୍କୁ ନିବେଦନ କଲେ ଯେ, ହେ ମୁହମ୍ମଦ ! ଆମ ମାଗି ଛାଡ଼ି ଦିଅନ୍ତୁ, ଆମେମାନେ ମଦିନାରୁ ନିର୍ବାସିତ ହୋଇ ସବୁ ଦିନ ପାଇଁ ଚାଲିଯିବୁ ଏବଂ କେବଳ ଆମର ମହିଳାମାନେ ଏବଂ ସନ୍ତାନମାନଙ୍କ ସକାଶେ ଆମମାନଙ୍କୁ ଛାଡ଼ି ଦିଅନ୍ତୁ (ଅର୍ଥାତ୍ ଆମ ପ୍ରାଣକୁ) । କାରଣ ଆମେମାନେ ସେମାନଙ୍କୁ ନିଜର ସାଙ୍ଗରେ ନେଇ ଯାଇ ପାରିବୁ ଓ ଅନ୍ୟ ଧନ ରତ୍ନ ଆପଣ ରଖି ନିଅନ୍ତୁ ଓ ସେହି ଧନ ମଧ୍ୟରେ ଅସ୍ତ୍ର ଶସ୍ତ୍ରକୁ ମଧ୍ୟ ରଖି ନିଅନ୍ତୁ । ଆପଣ ସ.ଅ ଇହୁଦୀମାନଙ୍କର ଉକ୍ତ କଥାକୁ ସ୍ୱୀକାର କରିନେଲେ ଏବଂ ସେମାନଙ୍କୁ ମଦିନାରୁ ବାହାରିଯିବା ନିମନ୍ତେ ଆଦେଶ ଦେଲେ । ସିରତୁଲ୍ ହଲବିୟାରେ ଏହିପରି ଉଲ୍ଲିଖିତ ହୋଇଛି । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-285 ଓ 287, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

କିନ୍ତୁ ଜୀବନୀର ଅନେକ ପୁସ୍ତକରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍‌ଙ୍କ ସଂକ୍ରାନ୍ତରେ ଏହି ବର୍ଣ୍ଣନା ରହିଛି ଯେ, ଇତ୍ୟବସରରେ ସେ ନବୀ କରୀମ୍ ସ.ଅଙ୍କ ସେବାରେ ବାରମ୍ବାର ଉପସ୍ଥିତ ହେଲା । ସେ ବନୁ କୈନ୍‌କା ସଂପ୍ରଦାୟର ମିତ୍ର ଥିଲା । ତେଣୁ ସେ ବରାମ୍ବାର ସୁପାରିଶି ଓ ନିବେଦନ ବିଭିନ୍ନ ପନ୍ଥା ଅବଲମ୍ବନ କରି ଉକ୍ତ ପ୍ରସଙ୍ଗର ପରିପ୍ରକାଶ କଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବନୁ କୈନ୍‌କା ସଂପ୍ରଦାୟକୁ କ୍ଷମା କରି ଦିଅନ୍ତୁ । ସେମାନଙ୍କର ସଂହାର କରନ୍ତୁ ନାହିଁ ଓ ସେମାନଙ୍କୁ ଯିବାକୁ ଦିଅନ୍ତୁ ଓ ସେମାନଙ୍କୁ କ୍ଷମା କରି ଦିଅନ୍ତୁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-179-180, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା) (ସିରତ୍ ଇବନେ ହିଶ୍ଶାମ୍, ପୃ-514, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ -2001 ମସିହା)(ଶରହୁଲ୍ ଜର୍କାନୀ, ଅଲଲ୍ ମୱାହିବି ଅଲ୍ ଲୁଦ୍‌ନି, ବାଗ-3, ପୃ-124-125, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-1996 ମସିହାରୁ ଉଦ୍ଧୃତ)**

ଉକ୍ତ ବର୍ଣ୍ଣନାରୁ ଏହି ପ୍ରତିକ୍ରିୟା ମିଳେ ଯେ, ଆଁହଜରତ ସ.ଅ ବନୁ କୈନ୍‌କା ସଂପ୍ରଦାୟର ସଂହାର ନିମନ୍ତେ ଇଚ୍ଛା ବ୍ୟକ୍ତ କରିଥିଲେ ଏବଂ ଅବ୍‌ଦୁଲ୍ଲାଃ ବିନ୍ ଉବୈର ଅହରହ ସୁପାରିଶ୍ କ୍ରମେ ସେମାନଙ୍କୁ କ୍ଷମା ପ୍ରଦାନ କରି ଦିଆଯାଇଥିଲା। କିନ୍ତୁ ଏପରି କଥା ସଠିକ୍ ନୁହେଁ । ଆପଣ ସ.ଅ କେବେ ବି ସେମାନଙ୍କର (ବନୁ କୈନ୍‌କା ସଂପ୍ରଦାୟର) ମହିଳାମାନଙ୍କୁ କେବେ ବି ବଧ କରିବା କୁ ଚାହୁଁ ନଥିଲେ। ବାସ୍ତବରେ ଏହିପରି ଯେଉଁ ବର୍ଣ୍ଣନାଗୁଡ଼ିକ ରହିଛି ତାହା ସନ୍ଦେହଜନକ ଅଟନ୍ତି । ସୁତରାଂ ଏହିପରି ବର୍ଣ୍ଣନା ସଂପର୍କରେ ନ୍ୟାୟ ବିଚାର କରି ସୟେଦ୍ ବର୍କାତ୍ ଅହେମଦ ନାମକ ଜନୈକ ଇତିହାସବିତ୍ ନିଜର ପୁସ୍ତକରେ ଉଲ୍ଲେଖ କରନ୍ତି ଯେ, ଇହୁଦୀମାନଙ୍କର ଆତ୍ମ ସମର୍ପଣ କରିଦେବା ପରେ ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ହୁଜୁର୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋ ଲୋକଙ୍କ ପ୍ରତି କୋମଳ ବ୍ୟବହାରେ ପ୍ରଦର୍ଶନ କରନ୍ତୁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ ହେ ଅବ୍‌ଦୁଲ୍ଲାଃ ! ତୁମର ସର୍ବନାଶ ହେଉ ତୁ ମୋତେ ଛାଡ଼ି ଦେ । ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଉତ୍ତର ଦେଲା କଦାପି ନୁହେଁ (ଛାଡ଼ିବି ନାହିଁ) । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେପର୍ଯ୍ୟନ୍ତ ଆପଣ ମୋ ଲୋକମାନଙ୍କ ପ୍ରତି କୋମଳ ବ୍ୟବହାର ପ୍ରଦର୍ଶନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ମୁଁ ଆପଣ ସ.ଅଙ୍କୁ ଯିବାକୁ ଦେବି ନାହିଁ । ଆପଣ ସ.ଅ ସେମାନଙ୍କର ସ୍କନ୍ଧଚ୍ୟୁତ କରିଦେବେ କି ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ପରିସ୍ଥିତି ଅବଶ୍ୟ ବଦଳି ଯିବ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ଯଦି ବଦଳିଯାଏ ତେବେ ଏହା ଅତି ଉତ୍ତମ କଥା ହେବ । ତାହାହେଲେ ତୁମେ ହିଁ ଏମାନଙ୍କୁ ନେଇଯାଅ । ଇବ୍‌ନେ ଇସ୍‌ହାକ୍, ୱାକିଦି ଓ ଇବ୍‌ନେ ସାଆଦ୍ ଇତ୍ୟାଦି ତିନିଜଣ ଇତିହାସବିତ୍‌ମାନେ ଉପରୋକ୍ତ ବର୍ଣ୍ଣନାଟିକୁ ବର୍ଣ୍ଣନା କରିଛନ୍ତି। ଉପରୋକ୍ତ ତିନିଜଣ ଇତିହାସବିତ୍‌ମାନଙ୍କର ଇତିହାସକୁ ପାଠ କଲେ ଏହା ଆକଳନ କରାଯାଇ ପାରିବ ଯେ, ରସୁଲୁଲ୍ଲାଃ ସ.ଅଙ୍କ ଉପରେ ଅବ୍‌ଦୁଲ୍ଲାଃ ବିନ୍ ଉବୈର କିଛି ପ୍ରଭାବ ପଡ଼ିଥିଲା । କିନ୍ତୁ ସ୍ୱୟଂ ଅବ୍‌ଦୁଲ୍ଲାଃ ବିନ୍ ଉବୈର ସୁପାରିଶମୂଳକ ଶବ୍ଦଗୁଡ଼ିକ ସନ୍ଦେହଜନକ ମନେହେଉଛି । ଇବ୍‌ନେ ଇସହାକଙ୍କ ବର୍ଣ୍ଣନାରେ ଏହାର ଆଦୌ ପରିପ୍ରକାଶ ହୁଏ ନାହିଁ । କାରଣ ରସୁଲୁଲ୍ଲାଃ ସ.ଅ ଏପରି କୌଣସି କଥା କହି ନାହାନ୍ତି ଯଦ୍ଦ୍ୱାରାକି ଏହା ପରିଣାମ ବାହାର କରାଯାଇପାରିବ ଯେ, ଆପଣ ସ.ଅ ବନୁ କୈନ୍‌କା ସଂପ୍ରଦାୟର ସ୍କନ୍ଧଚ୍ୟୁତ କରିଦେବା ମନସ୍ଥ କରି ସାରିଥିଲେ । ଜଣେ ଇତିହାସବିତ୍‌ଙ୍କ ଠାରୁ ତ' ଏହା ସାବ୍ୟସ୍ତ ହେଉ ନାହିଁ ଯେ, ୱାକିଦିଙ୍କ ନିକଟରେ ଉକ୍ତ ଇଚ୍ଛା ଆଡ଼କୁ ଇଙ୍ଗିତ ମିଳିଥାଏ ଓ ସେହି କଥାକୁ ଇବ୍‌ନେ ସାଆଦ୍ ମଧ୍ୟ ପୁନରାବୃତ୍ତି କରିଛନ୍ତି । କିନ୍ତୁ ଇତ୍ୟବସରରେ ଆମମାନଙ୍କୁ ଉକ୍ତ କଥା ମସ୍ତିଷ୍କରେ ଅବଶ୍ୟ ରଖିବା ଉଚିତ୍ ଯେ, ଯଦିଓ ଆପଣ ସ.ଅ ଜଣେ ରାଜନୈତିକ ମାର୍ଗଦର୍ଶକ ମଧ୍ୟ ଥିଲେ କିନ୍ତୁ ଶତ୍ରୁମାନଙ୍କ ପ୍ରତି ଅକାରଣରେ କୌଣସି କ୍ରୁରତା ଏବଂ କଠୋରତା ପ୍ରଦର୍ଶନ କରୁ ନଥିଲେ । ଆପଣ ସ.ଅ କ୍ରୁରତାକୁ ନାପସନ୍ଦ କରୁଥିଲେ ଏବଂ ଯୁଦ୍ଧ ଭୂମିରେ ମଧ୍ୟ ଯଦି ଯାଉଥିଲେ ତେବେ ବାଧ୍ୟ ହୋଇ ଯାଉଥିଲେ ଏବଂ ସେଠାରେ ମଧ୍ୟ ଅଯଥାରେ ରକ୍ତପାତ କରିବାରୁ ବର୍ତ୍ତିବା ପାଇଁ ଚେଷ୍ଟା କରୁଥିଲେ । ('ରସୁଲ୍ କରୀମ୍ ସ.ଅ ଓ ହିଜାୟର ଇହୁଦୀ' ଲେଖକ- ସୟେଦ ବର୍କାତ୍ ଅହେମଦ, ପୃ-୨୪-୨୨, ମକ୍ତବା ଆଲିୟାହ୍, ଲାହୋରରୁ ଉଦ୍ଧୃତ)

ସେ ଯାହା ହେଉ ଘେରାଉ ତ' ହୋଇଥିଲା ଏବଂ ସେମାନେ ଶରଣଭିକ୍ଷା ମଧ୍ୟ କରିଥିଲେ । ଅତଃ ବନୁ କୈନ୍‌କା ସଂପ୍ରଦାୟ ନିର୍ବାସିତ ମଧ୍ୟ ହେଲା । ଏହାର ବିସ୍ତୃତ ବିବରଣୀ ଏହିପରି ରହିଛି ଯେ, ସେହି ଇହୁଦୀ ସଂପ୍ରଦାୟର ନିବେଦନ ଅନୁଯାୟୀ ସେମାନଙ୍କୁ ନିର୍ବାସିତ କରିବାର ନିଷ୍ପତ୍ତି ନିଆଯାଇଥିଲା ଏବଂ ଇହୁଦୀମାନଙ୍କୁ ମଦିନାରୁ ନିର୍ବାସନ କରିବାର ଦାୟିତ୍ୱ ଆପଣ ସ.ଅ ହ. ଉବାଦାହ୍ ବିନ୍ ସାମିତ୍ ର.ଅଙ୍କ ଉପରେ ନ୍ୟସ୍ତ କରିଥିଲେ ଓ ମଦିନାରୁ ତିନି ଦିନରେ ବାହାରି ଯିବାର ସମୟ ମଧ୍ୟ ଦେଇଥିଲେ । ସୁତରାଂ ସେମାନେ (ବନୁ କୈନ୍‌କା ସଂପ୍ରଦାୟର ଇହୁଦୀମାନେ) ତିନି ଦିନ ମଧ୍ୟରେ ମଦିନା ଛାଡ଼ି ଚାଲି ଯାଇଥିଲେ । ଏକ କଥନ ଅନୁଯାୟୀ ଇହୁଦୀମାନେ ଉବାଦାହ୍ ବିନ୍ ସାମିତ୍ ର.ଅଙ୍କ ଠାରୁ ଅତିରିକ୍ତ ସମୟ ମାଗିଥିଲେ । କିନ୍ତୁ ଆପଣ ର.ଅ ଘଣ୍ଟାଏ ମଧ୍ୟ ଅତିରିକ୍ତ ସମୟ ଦେଲେ ନାହିଁ ଓ ନିଜର ତତ୍ତ୍ୱାବଧାନରେ ସେମାନଙ୍କୁ ନିର୍ବାସିତ କଲେ । ଏହି ଇହୁଦୀମାନେ ଏଠାରୁ ବାହାରି ଅଜ୍‌ରିୟାତ୍ ଅଞ୍ଚଳରେ ଚାଲିଗଲେ । ଅଜ୍‌ରିୟାତ୍ ସିରୀୟା ଅଭିମୁଖେ ଏକ ସହରର ନାମ ଅଟେ । ସେହିପରି ଆଉ ଏକ କଥନ ମଧ୍ୟ ରହିଛି ଯେ, ଇହୁଦୀମାନଙ୍କୁ ନିର୍ବାସନ କରିବାର ଦାୟିତ୍ୱ ହ. ମୁହମ୍ମଦ ବିନ୍ ମୁସ୍‌ଲମ୍ମା ର.ଅଙ୍କ ଉପରେ ନ୍ୟସ୍ତ ହୋଇଥିଲା । ହ. ମୁହମ୍ମଦ୍ ବିନ୍ ମୁସଲମାଙ୍କୁ ଉକ୍ତ କାର୍ଯ୍ୟ ନିମନ୍ତେ ନିଯୁକ୍ତ କରାଯାଇଥିଲା । ସମ୍ଭବତଃ ଦୁହିଁଙ୍କୁ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବ ।

ସେ ଯାହା ହେଉ ନା କାହିଁକି ଯେତେବେଳେ ସେହି ଇହୁଦୀମାନେ ଚାଲିଗଲେ ସେତେବେଳେ ଇହୁଦୀମାନଙ୍କ ଘରୁ ଅନେକ ଅସ୍ତ୍ରଶସ୍ତ୍ର ମିଳିଲା । କାରଣ ଏମାନେ ଅନ୍ୟ ଇହୁଦୀମାନଙ୍କ ତୁଳନାରେ ସବୁଠୁ ଅଧିକ ଧନୀ ଓ ସବୁଠୁ ବେଶୀ ବୀର ଓ ଯୁଦ୍ଧପ୍ରିୟ ଥିଲେ । ଆପଣ ସ.ଅ ସେମାନଙ୍କର ଅସ୍ତ୍ରଶସ୍ତ୍ର ମଧ୍ୟରୁ ନିଜ ପାଇଁ ତିନୋଟି କମାଣ, ଦୁଇଟି ଲୌହ କବଚ, ତିନୋଟି ଖଡ଼୍‌ଗ ଓ ତିନୋଟି ବର୍ଚ୍ଛା ଚୟନ କଲେ । କମାଣର ନାମ କତୁମ୍, ରୌହା ଓ ବୈଜା ଥିଲା । କତୁମ୍ କମାଣଟି ଓହୋଦ୍ ଯୁଦ୍ଧରେ ଭାଙ୍ଗି ଯାଇଥିଲା । ଦୁଇଟି ଲୌହ କବଚର ନାମ ହେଲା, ସଗ୍‌ଦିୟାହ୍ ଓ ଫିଜ୍ଜା ।

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ସେହିପରି ତିନୋଟି ବର୍ଛା ଓ ତିନୋଟି ଖଡ଼୍‌ଗ ଆପଣ ସ.ଅ ଚୟନ କରିଥିଲେ । ଗୋଟିଏ ଖଡ଼ଗ୍‌ର ନାମ କଲ୍‌ଇ ଓ ଅନ୍ୟଟିର ନାମ ବତାର୍ ଥିଲା । ତୃତୀୟ ଖଡ଼୍‌ଗର ନାମ ନଥିଲା । ଉକ୍ତ ବର୍ଣ୍ଣନାଟି ସିରତୁଲ୍ ହଲବିୟାରୁ ଉଦ୍ଧୃତ ଅଟେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-287, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା) (ମୁଜିମୁଲ୍ ବଲଦାନ୍, ଭାଗ-1, ପୃ-165, ଅଲ୍‌ମକ୍‌ତବତୁଲ୍ ଅସରିୟାହ୍)**

ସିରତ୍ ଖାତମୁନ୍ ନବୀୟିନ୍‌ରେ ବନୁ କୈନ୍‌କା ଯୁଦ୍ଧ ସଂପର୍କରେ ଏହିପରି ଚର୍ଚ୍ଚା ମିଳି ଯେ, ଆଁହଜରତ ସ.ଅ ଯେତେବେଳେ ମକ୍କାରୁ ମଦିନାକୁ ପ୍ରବାସ କରି ଆସିଥିଲେ ସେତେବେଳେ ମଦିନରେ ଇହୁଦୀମାନଙ୍କର ତିନୋଟି ସଂପ୍ରଦାୟ ବସବାସ କରୁଥିଲେ । ସେମାନେ ହେଲେ, ବନୁ କୈନ୍‌କା, ବନୁ ନୁଜୈର୍ ଓ ବନୁ କୁରୈଜା ଇତ୍ୟାଦି । ଆଁହଜରତ ସ.ଅ ମଦିନା ପହଞ୍ଚିବା ମାତ୍ରେ ଶାନ୍ତିର ଚୁକ୍ତି ସ୍ୱାକ୍ଷର କରିନେଇଥିଲେ ଓ ପରସ୍ପର ମଧ୍ୟରେ ସନ୍ଧି ତଥା ମୈତ୍ରୀ ଓ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବାର ମୂଳଦୁଆ ପକାଇଥିଲେ । ଯଦି କୌଣସି ବାହ୍ୟ ଶତ୍ରୁ ମଦିନାରେ ଆକ୍ରମଣ କରନ୍ତି ତେବେ ସମସ୍ତେ ମିଶି ସେହି ଶତ୍ରୁର ମୁକାବିଲା କରିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ତ' ଇହୁଦୀମାନେ ଉକ୍ତ ଚୁକ୍ତି ଓ ଅଙ୍ଗୀକାରକୁ ପାଳନ କଲେ ଏବଂ ପ୍ରକାଶ୍ୟ ରୂପେ ସେମାନେ ମୁସଲମାନମାନଙ୍କ ସହିତ କୌଣସି କଳି ଝଗଡ଼ା କଲେ ନାହିଁ । କିନ୍ତୁ ସେମାନେ ଯେତେବେଳେ ଏହା ଉପଲବ୍ଧି କଲେ ଯେ, ମୁସଲମାନମାନେ ମଦିନାରେ ନିଜର ପତିଆରା ତଥା ପ୍ରତିପତିତ୍ୱ ବିସ୍ତାର କରି ସାରିଛନ୍ତି ତେବେ ସେପରିପ୍ରେକ୍ଷୀରେ ସେମାନଙ୍କର ଢଙ୍ଗଢାଙ୍ଗ ବଦଳିବାକୁ ଲାଗିଲା ଏବଂ ସେମାନେ ମୁସଲମାନମାନଙ୍କର ଏତାଦୃଶ ବୃଦ୍ଧି ପାଉଥିବାର ଶକ୍ତିକୁ ପ୍ରତିହତ କରିବାକୁ ସ୍ଥିର କଲେ ଏବଂ ସେମାନେ ଉକ୍ତ ଅଭିପ୍ରାୟ ନିମନ୍ତେ ପ୍ରତ୍ୟେକ ପ୍ରକାରର ବୈଧ ଓ ଅବୈଧ ପନ୍ଥା ଅବଲମ୍ବନ କରିବାକୁ ଆରମ୍ଭ କରିଦେଲେ । ଏପର୍ଯ୍ୟନ୍ତ କି ସେମାନେ ଉକ୍ତ ପ୍ରସଙ୍ଗର ଉଦ୍ୟମ କରିବାକୁ ମଧ୍ୟ ପଶ୍ଚାତପଦ ହେଲେ ନାହିଁ, ପରିଶେଷର ସେମାନେ ମୁସଲମାନମାନଙ୍କ ମଧ୍ୟରେ ମତପାର୍ଥକ୍ୟତା ଓ ମନୋମାଳିନ୍ୟତା ସୃଷ୍ଟି କରି ଗୃହଯୁଦ୍ଧ ଆରମ୍ଭ କରାଇ ଦେଲେ । ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଏକ ଅବସରରେ ଔସ୍ ସଂପ୍ରଦାୟ ଓ ଖଜ୍‌ରଜ୍ ସଂପ୍ରଦାୟର ଅନେକ ଲୋକମାନେ ଏକତ୍ରିତ ବସିଥିଲେ । ସମସ୍ତେ ପାରସ୍ପାରିକ ପ୍ରେମ ଓ ଏକତାର ସହିତ କଥାବାର୍ତ୍ତା ହେଉଥିଲେ କି କେତେକ ଖଳ ଓ ଉପଦ୍ରବୀ ସ୍ୱଭାବର ଇହୁଦୀ ଲୋକମାନେ ସେହି ମଜ୍‌ଲିସ୍ (ସଭା)ରେ ଆସି ପହଞ୍ଚି ବୁଆସ୍ ଯୁଦ୍ଧର ଚର୍ଚ୍ଚା ଆରମ୍ଭ କରିଦେଲେ । ବୁଆସ୍ ଯୁଦ୍ଧ ହେଉଛି ସେ ଭୟଙ୍କର ଯୁଦ୍ଧ ଯାହା ସେହି ଦୁଇ ସଂପ୍ରଦାୟ ମଧ୍ୟରେ ପ୍ରବାସର କିଛି ବର୍ଷ ପୂର୍ବେ ହୋଇଥିଲା ଏବଂ ଯହିଁରେ ଔସ୍ ଓ ଖଜ୍‌ରଜ୍ ସଂପ୍ରଦାୟର ଅନେକ ଲୋକମାନେ ପରସ୍ପର ହସ୍ତ ଦ୍ୱାରା ନିହତ ହୋଇଥିଲେ । ସୁତରାଂ ଉକ୍ତ ଯୁଦ୍ଧର ଚର୍ଚ୍ଚା ହେବା ମାତ୍ରେ କେତେକ ଉଗ୍ର ସ୍ୱଭାବର ଲୋକମାନଙ୍କ ମନରେ ପୁରୁଣା ସ୍ମୃତି ସତେଜ ହୋଇଗଲା ଏବଂ ବିଗତ ଶତ୍ରୁତାର ଦୃଶ୍ୟ ସେମାନଙ୍କ ଚକ୍ଷୁ ଆଗରେ ଚିତ୍ରିତ ହେବାକୁ ଲାଗିଲା । ପରିଣାମ ଏହା ହେଲା କି ପରସ୍ପର ମଧ୍ୟରେ ବଚ୍‌ସା ଏବଂ ପରସ୍ପରକୁ ଆକ୍ଷେପ ତଥା ନିନ୍ଦା ଓ ଭର୍ତ୍ସନା କରି ଶେଷରେ ସେହି ସଭାରେ ମୁସଲମାନମାନଙ୍କ ମଧ୍ୟରେ ଖଡ଼୍‌ଗ ଚାଲିଲା । କିନ୍ତୁ ଭଲ ହେଲା ବେଳ ଥାଉ ଥାଉ ଆଁହଜରତ ସ.ଅଙ୍କୁ ଯଥା ସମୟରେ ଉକ୍ତ ଘଟଣାର ସୂଚନା ପ୍ରାପ୍ତ ହେଲା ଓ ଆପଣ ସ.ଅଙ୍କ ପ୍ରବାସକାରୀଙ୍କ ଏକ ଜମାଅତ୍ ସହିତ ତୁରନ୍ତ ଘଟଣାସ୍ଥଳକୁ ଆସିଲେ ଏବଂ ଉଭୟ ପକ୍ଷଙ୍କୁ ବୁଝାସୁଝା କରି ଶାନ୍ତ କଲେ ଓ ପୁନଶ୍ଚ ନିନ୍ଦା ମଧ୍ୟ କଲେ ଯେ, ମୋ ଥାଉ ଥାଉ ତୁମେମାନେ ଏଭଳି ଅଶିକ୍ଷିତତା ପନ୍ଥା ଏବଂ ମୂର୍ଖତାପୂର୍ଣ୍ଣ ଆଚରଣ କିପରି ଅବଲମ୍ବନ କରିପାରୁଛ ଓ ଈଶ୍ୱରଙ୍କ ଏହି ପୁରସ୍କାର ପ୍ରତି ସମ୍ମାନ ପ୍ରଦର୍ଶନ କରୁ ନାହଁ ଯେ, ସେ ତୁମମାନଙ୍କୁ ଇସ୍‌ଲାମ୍ ଧର୍ମ ମାଧ୍ୟମରେ ତୁମକୁ ଭାଇ ଭାଇ କରି ଦେଇଛନ୍ତି । ଆଁହଜରତ ସ.ଅଙ୍କ ଉପରୋକ୍ତ ଉପଦେଶ ଯୋଗୁଁ ଅନ୍‌ସାରମାନଙ୍କ ଉପରେ ଏପରି ପ୍ରଭାବ ପଡ଼ିଲା ଯେ, ସେମାନଙ୍କ ଚକ୍ଷୁରୁ ଲୋତକ (ଲୁହ) ଧାର ବହିବାକୁ ଲାଗିଲା ଏବଂ ସେମାନେ ନିଜର କୃତ୍ୟ ଯୋଗୁଁ ଅନୁତପ୍ତ ଏବଂ କ୍ଷମାମାର୍ଜନା କରି ପରସ୍ପରକୁ ଆଲିଙ୍ଗନ କଲେ ।

ଯେତେବେଳେ ବଦର୍ ଯୁଦ୍ଧ ସମ୍ପନ୍ନ ହୋଇଗଲା ଓ ଅଲ୍ଲାଃତାଲା ନିଜ କୃପାରୁ ମୁସଲମାନମାନଙ୍କୁ ସ୍ୱଳ୍ପ ସଂଖ୍ୟକ ଏବଂ ନିରସ୍ତ୍ର ହେବା ସତ୍ତ୍ୱେ କୁରୈଶ୍ ଭଳି ବିଶାଳ ସୈନ୍ୟବାହିନୀ ଉପରେ ଭବ୍ୟ ବିଜୟ ପ୍ରଦାନ କଲେ । ଫଳତଃ ମକ୍କାର ବଡ଼ ବଡ଼ ଖମ୍ବ (ବରିଷ୍ଠ ଅଧିପତି) ଧୂଳିସାତ୍ ହୋଇଗଲେ । ମଦିନାର ଇହୁଦୀମାନଙ୍କର ଈର୍ଷାର ବହ୍ନି ପ୍ରଜ୍ୱଳିତ ହୋଇ ଉଠିଲା ଏବଂ ସେମାନେ ମୁସଲମାନମାନଙ୍କ ସହିତ ମୁକ୍ତ ଭାବରେ ତୁହାତୁହି ଆରମ୍ଭ କରିଦେଲେ, ମୁସଲମାନମାନଙ୍କୁ ସଭାରେ ସର୍ବସମ୍ମୁଖରେ ଏହା କହାବିକୁ ଲାଗିଲେ ଯେ, କୁରୈଶ୍‌ର ସୈନ୍ୟବାହିନୀକୁ ପରାସ୍ତ କରିବା କୌଣସି ବଡ଼ କଥା ନୁହେଁ । ଲଢିବାକୁ ଯଦି ଚାହୁଁଛ ତେବେ ମୁହମ୍ମଦ ସ.ଅଙ୍କର ଆମ ସହିତ ମୁକାବିଲା ହେବା ଉଚିତ୍ । ସେତେବେଳେ ଆମେ ତୁମକୁ ଜଣାଇଦେବୁ ଯେ କିପରି ଯୁଦ୍ଧ ହୁଏ ? ଏପର୍ଯ୍ୟନ୍ତକି ଏକ ସଭାରେ ସେମାନେ ସ୍ୱୟଂ ଆଁହଜରତ ସ.ଅ ଆଁହଜରତ ସ.ଅଙ୍କ ମୁହଁରେ (ସମ୍ମୁଖରେ) ଏହି ପ୍ରକାରର ଶବ୍ଦ କହିଥିଲେ। ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ମିଳେ ଯେ, ବଦର୍ ଯୁଦ୍ଧ ପରେ ଆଁହଜରତ ସ.ଅ ଯେତେବେଳେ ମଦିନା ଆସିଲେ ସେତେବେଳେ ଆପଣ ସ.ଅ ଦିନେ ଇହୁଦୀମାନଙ୍କୁ ଏକତ୍ରିତ କରି ସେମାନଙ୍କୁ ଉପଦେଶ ଦେଲେ ଏବଂ ନିଜର ଦାବି ଉପସ୍ଥାପିତ କରି ଇସ୍‌ଲାମ୍ ଧର୍ମ ଆଡ଼କୁ ସେମାନଙ୍କୁ ଆମନ୍ତ୍ରିତ କଲେ । ଆଁହଜରତ ସ.ଅଙ୍କ ଉକ୍ତ ଶାନ୍ତିପୂର୍ଣ୍ଣ ଓ ସହାନୁଭୂତିକ ଭାଷଣର ଇହୁଦୀ ଅଧିପତିମାନେ ଏହି ଶବ୍ଦରେ ଉତ୍ତର ଦେଲେ ଯେ, ହେ ମୁହମ୍ମଦ୍ ! (ସ.ଅ) ବୋଧ ହୁଏ ତୁମେ କିଛି କୁରୈଶ୍‌ମାନଙ୍କୁ ସଂହାର କରି ଗର୍ବିତ ହୋଇଯାଇଛ । କୁରୈଶ୍‌ମାନେ ଯୁଦ୍ଧ କୌଶଳ ଅପରିଚିତ ଓ ଅନଭିଜ୍ଞ ଥିଲେ । ଆମ ସହିତ ଯଦି ତୁମର ଯୁଦ୍ଧ ହୁଏ ତେବେ ତୁମେମାନେ ଜାଣି ନବ ଯେ, ଯୋଦ୍ଧାମାନେ କିପରି ହୁଅନ୍ତି ଏବଂ କିପରି ଯୁଦ୍ଧ ହୁଏ ।" ଇହୁଦୀମାନେ କେବଳ ଧମକ ଦେଇ ବସିଗଲେ ନାହିଁ, ବରଂ ଏପରି ପ୍ରତିତ ହେଉଛି ଯେ, ସେମାନେ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବାକୁ ଆରମ୍ଭ କରିଦେଇଥିଲେ । କାରଣ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସେହି ଦିନମାନଙ୍କରେ ଯେତେବେଳେ ତଲ୍‌ହା ବିନ୍ ବରାଅ ଯେକି ଜଣେ ନୈଷ୍ଠିକ ସାହାବି ଥିଲେ । ଯେତେବେଳେ ତାଙ୍କର ମୃତ୍ୟୁ ହେବାକୁ ଲାଗିଲା ସେତେବେଳେ ସେ ଏହି ଓସିୟତ୍ (ଇଚ୍ଛାପତ୍ର) କଲେ ଯେ, ମୋର ମୃତ୍ୟୁ ଯଦି ରାତ୍ର ସମୟରେ ହୁଏ ତେବେ ତୁମେମାନା ନମାଜ ଯନାଜାଃ ନିମନ୍ତେ ଆଁହଜରତ ସ.ଅଙ୍କୁ ସୂଚନା ଦେବ ନାହିଁ । କାରଣ ଏପରି ନହେଉ ଯେ, ମୋ ଯୋଗୁଁ ଇହୁଦୀମାନଙ୍କ ତରଫରୁ ଆଁହଜରତ ସ.ଅଙ୍କ ଉପରେ ଅକସ୍ମାତ୍ ଆକ୍ରମଣ କରାଯାଇ ଆଁହଜରତ ସ.ଅଙ୍କର କ୍ଷତି ସାଧନ କରାଯାଉ ଓ ମୋ ଯୋଗୁଁ କୌଣସି ଅଘଟଣ ଯେପରି ନଘଟୁ । ସୁତରାଂ ବଦର୍ ଯୁଦ୍ଧ ପରେ ଇହୁଦୀମାନେ ମୁକ୍ତର ଭାବରେ ଉପଦ୍ରବ ଆରମ୍ଭ କରିଦେଲେ ଏବଂ ମଦିନାର ଇହୁଦୀମାନଙ୍କ ମଧ୍ୟରେ ବନୁ କୈନ୍‌କା ସଂପ୍ରଦାୟ ସବୁଠୁ ବେଶୀ ଶକ୍ତିଶାଳୀ ଓ ବୀର ସଂପ୍ରାଦୟ ଥିଲା । ଅତଃ ସର୍ବ ପ୍ରଥମେ ସେହି ଇହୁଦୀ ବନୁ କୈନ୍‌କା ସଂପ୍ରଦାୟ ପକ୍ଷରୁ ହିଁ ଅଙ୍ଗୀକାର ତଥା ପ୍ରତିଶୃତି ଭଙ୍ଗ ଆରମ୍ଭ ହୋଇଥିଲା। ସୁତରାଂ ଇତିହାସବିତ୍‌ମାନେ ଉଲ୍ଲେଖ କରନ୍ତି ଯେ......ମଦିନାରେ ବାସ କରୁଥିବା ଇହୁଦୀମାନଙ୍କ ମଧ୍ୟରେ ଓ ଆଁହଜରତ ସ.ଅଙ୍କ ମଧ୍ୟରେ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ସେହି ଚୁକ୍ତିକୁ ଇହୁଦୀ ସଂପ୍ରଦାୟ ମଧ୍ୟରୁ ସର୍ବ ପ୍ରଥମେ ବନୁ କୈନ୍‌କା ସଂପ୍ରଦାୟ ଭଙ୍ଗ କରିଥିଲା। ବଦର୍ ଯୁଦ୍ଧ ପରେ ଇହୁଦୀମାନେ ଅନେକ ବିଦ୍ରୋହ ଆରମ୍ଭ କରିଦେଇଥିଲେ ଓ ଖୋଲମଖୋଲା ରୂପେ ଈର୍ଷା, ବିଦ୍ୱେଷର ପରିପ୍ରକାଶ କଲେ ଏବଂ ସର୍ତ୍ତ ଓ ଚୁକ୍ତିକୁ ଭଙ୍ଗ କରିଦେଲେ ।

କିନ୍ତୁ ଏସବୁ କଥା ସତ୍ତ୍ୱେ ମୁସଲମାନମାନେ ନିଜର ପ୍ରିୟ ମୁନିବଙ୍କ ମାର୍ଗଦର୍ଶନ କ୍ରମେ ପ୍ରତ୍ୟେକ ପ୍ରକାରର ଧୈର୍ଯ୍ୟ ପ୍ରଦର୍ଶନ କଲେ ଏବଂ ନିଜ ତରଫରୁ କୌଣସି ପ୍ରକାରର ଉପଦ୍ରବ ଆରମ୍ଭ କଲେ ନାହିଁ । କିନ୍ତୁ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଇହୁଦୀମାନଙ୍କ ସହିତ ଯେଉଁ ଚୁକ୍ତି ହୋଇଥିଲା ସେହି ଚୁକ୍ତି ପରେ ଆଁହଜରତ ସ.ଅ ବିଶେଷ ରୂପେ ଇହୁଦୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ପ୍ରତି ପ୍ରଯତ୍ନଶୀଳ ଥିଲେ । ଅର୍ଥାତ୍ ଅଧିକ ଚିନ୍ତିତ ଥିଲେ ଯେ, କିପରି ସେମାନଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇପାରିବ, ସେମାନଙ୍କ ମନକୁ ପ୍ରସନ୍ନ ରଖାଯାଇ ପାରିବ ?

କିନ୍ତୁ ଇହୁଦୀମାନଙ୍କ ପକ୍ଷରୁ ଶତ୍ରୁତାମୂଳକ ଆଚରଣ ପ୍ରଦର୍ଶନ ଜାରି ରହିଥିଲା ଓ ଆଁହଜରତ ସ.ଅଙ୍କ ପକ୍ଷରୁ ସହାନୁଭୂତିର ଆଚଣ ପ୍ରଦର୍ଶନ କରାଯାଉଥିଲା । ସୁତରାଂ ଏକଦା ମୁସଲମାନ ଏବଂ ଇହୁଦୀମାନଙ୍କ ମଧ୍ୟରେ କିଛି ମତଭେଦ ସୃଷ୍ଟି ହୋଇଗଲା । ଇହୁଦୀମାନେ ହ. ମୁସା ଅ.ସଙ୍କୁ ସମସ୍ତ ଅବତାରମାନଙ୍କ ଉପରେ ଶ୍ରେଷ୍ଠ ବୋଲି ଦର୍ଶାଇଲେ । ସାହାବି ଉକ୍ତ କଥା ଯୋଗୁଁ କ୍ରୋଧିତ ହୋଇ ଉଠିଲେ ଏବଂ ସେ ଇହୁଦୀ ବ୍ୟକ୍ତି ପ୍ରତି କ୍ରୁରତା ପ୍ରଦର୍ଶନ କଲେ ଓ ଆଁହଜରତ ସ.ଅଙ୍କୁ ଶ୍ରେଷ୍ଠାବତାର ବୋଲି କହିଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆଁହଜରତ ସ.ଅ ଅସନ୍ତୋଷ ବ୍ୟକ୍ତ କଲେ ଏବଂ ଉକ୍ତ ସାହାବିଙ୍କୁ ନିନ୍ଦା ଓ ଭର୍ତ୍ସନା କରି କହିଲେ, ହେ ସାହାବି! ତୁମର ଏହି କାର୍ଯ୍ୟ ନୁହେଁ ଯେ, ତୁମେ ଅବତାରମାନଙ୍କୁ ପରସ୍ପର ଉପରେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଶ୍ରେଷ୍ଠତା ପ୍ରଦାନ କରି ବୁଲୁଥିବ । ପୁନଶ୍ଚ ଆପଣ ସ.ଅ ହ. ମୁସା ଅ.ସଙ୍କୁ ଏକ ପାକ୍ଷିକ ଶ୍ରେଷ୍ଠ ବୋଲି କହି ଇହୁଦୀମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କଲେ । କିନ୍ତୁ ଏହି ସହାନୁଭୂତିକ ବ୍ୟବହାର ପ୍ରଦର୍ଶନ ସତ୍ତ୍ୱେ ଇହୁଦୀମାନେ ନିଜର ଉପଦ୍ରବରେ ଉନ୍ନତି କରି ଚାଲିଲେ ଏବଂ ପରିଶେଷରେ ସ୍ୱୟଂ ଇହୁଦୀମାନଙ୍କ ପକ୍ଷରୁ ହିଁ ଯୁଦ୍ଧର ସୂତ୍ରପାତ ହେଲା ଏବଂ ସେମାନଙ୍କ ହୃଦୟରେ ଥିବା ଶତ୍ରୁତା ହୃଦୟରେ ମିଶ୍ରିତ ହୋଇପାରିଲା ନାହିଁ ଏବଂ ଏହିପରି ହେଲା କି ଜନୈକା ମୁସଲମାନ ମହିଳା ବଜାରକୁ ଜଣେ ଇହୁଦୀ ଦୋକାନକୁ କିଛି ସଉଦା କିଣାକିଣି  କରିବା ପାଇଁ ଗଲା । (ଉକ୍ତ ଘଟଣାର ଚର୍ଚ୍ଚା ଯେପରିକି ପୂର୍ବ ପୃଷ୍ଠାମାନଙ୍କରେ ହୋଇ ସାରିଛି) କେତେକ ଖଳ ପ୍ରକୃତିର ଇହୁଦୀମାନେ ଯେଉଁମାନେ ସେତେବେଳେ ସେହି ଦୋକାନରେ ବସିଥିଲେ, ସେମାନେ ଅତ୍ୟନ୍ତ ଲମ୍ପଟତାର ସହିତ ଉକ୍ତ ମହିଳା ପ୍ରତି ଅସଦାଚରଣ ପ୍ରଦର୍ଶନ କଲେ ଏବଂ ସ୍ୱୟଂ ଦୋକାନୀ ଜଣକ ଏହି ବଦ୍‌ମାଶୀ କଲା କି ସେ ଉକ୍ତ ମହିଳାର ଅନ୍ତ ବସ୍ତ୍ରର ନିମ୍ନ ଭାଗ (ବୁର୍କାର ନିମ୍ନ ଭାଗ)କୁ ମହିଳାର ଅଜାଣତରେ କୌଣସି ଏକ କଣ୍ଟା ସହିତ ତା' ପିଠି ଉପରେ ଥିବ କପଡ଼ ସହିତ ଟଙ୍ଗାଇ ଦେଲା। ପରିଣାମ ଏହା ହେଲା ଯେ, ଯେତେବେଳେ ମହିଳା ଜଣକ ସେମାନଙ୍କର ଉପଦ୍ରବମୂଳକ ପନ୍ଥାକୁ ଦେଖି ସେଠାରୁ ଉଠି ଚାଲିଯିବାକୁ ଲାଗିଲା ସେତେବେଳେ ସେ ନିର୍ବସ୍ତ୍ର ହୋଇଗଲା । ଏହାକୁ ଦେଖି ସେହି ଦୋକାନୀ ଜଣକ ଓ ତା'ର ସାଥିମାନେ ଖୁବ୍ ଜୋରରେ ଅଟ୍ଟହାସ୍ୟ ପ୍ରକାଶ କରିବାକୁ ଲାଗିଲେ । ମୁସଲମାନ ମହିଳା ଜଣକ ଲଜ୍ଜା ଅନୁଭବ କରି ଚିତ୍କାର କରି ସାହାଯ୍ୟ ଭିକ୍ଷା କଲା । ଦୈବାତ୍ ଜଣେ ମୁସଲମାନ ବ୍ୟକ୍ତି ସେତେବେଳେ ପାଖରେ ଉପସ୍ଥିତ ଥିଲା । ସେ ଲମ୍ଫ ମାରି ଘଟଣା ସ୍ଥଳରେ ପହଞ୍ଚିଲା ଏବଂ ଉକ୍ତ ଇହୁଦୀ ଦୋକାନୀ ସହିତ କଳହ କରିବାକୁ ଲାଗିଲା । ଫଳତଃ ଇହୁଦୀ ଦୋକାନୀ ଓ ମୁସଲମାନ ବ୍ୟକ୍ତିମାନେ ପରସ୍ପର ମଧ୍ୟରେ ଲଢିବାକୁ ଲାଗିଲେ । ଉକ୍ତ ଦ୍ୱନ୍ଦ୍ୱ ଯୁଦ୍ଧରେ ଇହୁଦୀ ଦୋକାନୀ ଜଣକ ନିହତ ହେଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ଇହୁଦୀମାନେ ସେହି ମୁସଲମାନ ବ୍ୟକ୍ତି ଉପରେ ଚତୁର୍ଦ୍ଦିଗରୁ ଅତର୍କିତ ଖଡ଼୍‌ଗ ବର୍ଷଣ କରିଦେଲେ ଓ ସ୍ୱାଭିମାନୀ ମୁସଲମାନ ସେହିଠାରେ ହିଁ ନିଜର ପ୍ରାଣ ହରାଇଲା । ମୁସଲମାନମାନଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଜାତ୍ୟାଭିମାନୀ ଯୋଗୁଁ ତାଙ୍କ ଚକ୍ଷୁ ରକ୍ତାକ୍ତମୟ ହୋଇ ଉଠିଲା ଏବଂ ଅନ୍ୟ ପଟରେ ଇହୁଦୀମାନେ ଯେଉଁମାନେ ଉକ୍ତ ଘଟଣାକୁ ଯୁଦ୍ଧ ଓ କଳହର ଆଳ କରିବାକୁ ଚାହୁଁଥିଲେ ସେମାନେ ଭିଡ଼ ଏକତ୍ରିତ କରିବାକୁ ଲାଗିଲେ ଏବଂ ଏକ  ସଂପ୍ରଦାୟିକ ଦଙ୍ଗା ଭଳି ସ୍ଥିତି ଉତ୍ପନ୍ନ ହୋଇଗଲା। ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ବନୁ କୈନ୍‌କାର ଅଧିପତିମାନଙ୍କୁ ଏକତ୍ରିତ କରି କହିଲେ, ହେ ବନୁ କୈନ୍‌କାର ଅଧିପତିମାନେ ! ଏହି ପନ୍ଥା ଆଦୌ ଠିକ୍ ନୁହେଁ ।" ବର୍ତ୍ତମାନ ଆପଣ ସ.ଅଙ୍କ ପନ୍ଥାକୁ ଦେଖି ନିଅନ୍ତୁ । କିପରି ଆପଣ ସ.ଅ ଉଦ୍ୟମ କଲେ ଯେ, ପ୍ରସଙ୍ଗ ଶୀତଳ ହୋଇଯାଉ। ତୁମେମାନେ ସେହି ଉପଦ୍ରବ ଠାରୁ ନିବୃତ୍ତ ହୋଇଯାଅ ଏବଂ ଈଶ୍ୱରଙ୍କୁ ଭୟ କର । ସେମାନେ ଦୁଃଖ ଓ ପରିତାପ କରିବା ବଦଳରେ ଓ କ୍ଷମା ମାର୍ଜନା କରିବା ବଦଳରେ ଆହୁରି ଅହଂକାରପୂର୍ବକ ଉତ୍ତର ଦେଲେ । ଅର୍ଥାତ୍ ଅତ୍ୟନ୍ତ ବିଦ୍ରୋହ ଓ ବିମୁଖତାପୂର୍ଣ୍ଣ ଉତ୍ତର ଦେଲେ । ଅର୍ଥାତ୍ ସେମାନେ ପୁନଃ ଧମକ ଦେଲେ ଏବଂ ଆଁହଜରତ ସ.ଅଙ୍କୁ କହିଲେ, ହେ ମୁହମ୍ମଦ୍ ! ବଦର୍ ଯୁଦ୍ଧ ବିଜୟ ଉପରେ ଅହଂକାର ପ୍ରଦର୍ଶନ କରନ୍ତୁ ନାହିଁ । ଆମେମାନଙ୍କ ସହିତ ଯେତେବେଳେ ତୁମର ମୁକାବିଲା ହେବ ସେତେବେଳେ ତୁମେ ଜାଣିନେବ ଯେ, ଯୋଦ୍ଧମାନେ କିପରି ହୁଅନ୍ତି । ଅସହାୟ ଆଁହଜରତ ସ.ଅ ସାହାବାମାନଙ୍କର ଏକ ଗୋଷ୍ଠୀକୁ ସାଙ୍ଗରେ ଧରି ବନୁ କୈନ୍‌କା ସଂରପ୍ରଦାୟର ଦୁର୍ଗ ଅଭିମୁଖେ ବାହାରି ପଡ଼ିଲେ । ବର୍ତ୍ତମାନ ଏହା ଆଁହଜରତ ସ.ଅଙ୍କ ଶେଷ ପ୍ରୟାସ ଓ ଇହୁଦୀମାନଙ୍କ ପାଇଁ ଶେଷ ସୁଯୋଗ ଥିଲା, ସେମାନେ ନିଜର କୃତ୍ୟ ଯୋଗୁଁ ଅନୁତପ୍ତ ହୁଅନ୍ତେ । ଯେତେବେଳେ ଆପଣ ସ.ଅ ସେମାନଙ୍କ ଅଭିମୁଖେ ବାହାରିଲେ ସେତେବେଳେ ମଧ୍ୟ ଯଦି ଇହୁଦୀମାନେ କ୍ଷମା ମାଗିନେଇ ଥାଆନ୍ତେ ସେତେବେଳେ ସମସ୍ତ କଳହ ସମାପ୍ତ ହୋଇଯାଆନ୍ତା। କିନ୍ତୁ  ସେମାନେ ସମ୍ମୁଖରୁ ଯୁଦ୍ଧ କରିବାକୁ ପ୍ରସ୍ତୁତ ଥିଲେ। ସୁତରାଂ ଇହୁଦୀମାନେ କ୍ଷମା ପରିବର୍ତ୍ତେ ଯୁଦ୍ଧ ଘୋଷଣା କରିଦେଲେ ଓ ଇସ୍‌ଲାମ୍ ଧର୍ମ ଏବଂ ଇହୁଦୀ ଶକ୍ତି ପରସ୍ପରର ବିରୁଦ୍ଧରେ ଯୁଦ୍ଧ କରିବାକୁ ବାହାରି ଆସିଲେ। ସେହି କାଳର ପ୍ରଥାନୁଯାୟୀ ଯୁଦ୍ଧର ଏହି ପନ୍ଥା ମଧ୍ୟ ହେଉଥିଲା ଯେ, ଗୋଟିଏ ପକ୍ଷ ନିଜର ଦୁର୍ଗ ମଧ୍ୟରେ ନିଜକୁ ସୁରକ୍ଷିତ କରି ବସିଯାଉଥିଲେ ଏବଂ ବିରୋଧୀ ପ୍ରତିପକ୍ଷ ଦୁର୍ଗ ଅବରୋଧ ଏବଂ ଦୁର୍ଗର ଘେରାଉ କରି ନେଉଥିଲେ । ସମୟ ସମୟରେ ଉଭୟ ପକ୍ଷ ପରସ୍ପରଙ୍କ ଉପରକୁ ଆକ୍ରମଣ କରୁଥିଲେ । ଏପର୍ଯ୍ୟନ୍ତ କି ଘେରାଉ କରୁଥିବା ସୈନ୍ୟ ବାହିନୀ ଦୁର୍ଗ ଉପରେ ଅଧିକାର କରିବାରୁ ନିରାଶ ହୋଇ ଅବରୋଧ ତଥା ଘେରାଉକୁ ପ୍ରତ୍ୟାହାର କରିନେଉଥିଲା । ଫଳତଃ ଦୁର୍ଗ ମଧ୍ୟରେ ନିଜକୁ ବନ୍ଦ କରି ରଖିଥିବା ପକ୍ଷ ନିଜକୁ ଜୟଯୁକ୍ତ ବୋଲି ମନେକରୁଥିଲା କିମ୍ବା ଦୁର୍ଗକୁ ଘେରାଉ କରିଥିବା ପକ୍ଷଙ୍କର ମୁକାବିଲାର ସମ୍ମୁଖୀନ ନହୋଇ ପ୍ରତିପକ୍ଷ ଦୁର୍ଗର ଦ୍ୱାରକୁ ଖୋଲି ଦେଇ ନିଜକୁ ଜୟଯୁକ୍ତଙ୍କ ହସ୍ତରେ ହସ୍ତାନ୍ତର କରିଦେଉଥିଲେ । ସୁତରାଂ ଇତ୍ୟବସରରେ ମଧ୍ୟ ବନୁ କୈନ୍‌କା ସଂପ୍ରଦାୟ ମଧ୍ୟ ଉକ୍ତ ପନ୍ଥାକୁ ଅବଲମ୍ବନ କଲା ଓ ନିଜକୁ ଦୁର୍ଗ ମଧ୍ୟରେ ବନ୍ଦ କରି ବସିଗଲା । ଆଁହଜରତ ସ.ଅ ସେହି ବନୁ କୈନ୍‌କା ସଂପ୍ରଦାୟର ଦୀର୍ଘ 15 ଦିନ ପର୍ଯ୍ୟନ୍ତ ଅହରହ ଘେରାଉ ଜାରି ରଖିଲେ । ପରିଶେଷରେ ବନୁ କୈନ୍‌କା ସଂପ୍ରଦାୟର ଯେତେବେଳେ ସମସ୍ତ ଜିନିଷ ପତ୍ର ଓ ଅହଂକାର ଭାଙ୍ଗି ଗଲା ସେତେବେଳେ ସେମାନେ ଏହି ସର୍ତ୍ତରେ ଦୁର୍ଗର ଦ୍ୱାରା ଖୋଲି ଦେଲେ ଯେ, ସେମାନଙ୍କର ଧନ ମୁସଲମାନମାନଙ୍କର ହୋଇଯିବ । କିନ୍ତୁ ସେମାନଙ୍କର ପ୍ରାଣ ଓ ସେମାନଙ୍କର ପରିବାରବର୍ଗଙ୍କ ଉପରେ ମୁସଲମାନମାନଙ୍କର କୌଣସି ଅଧିକାର ରହିବ ନାହିଁ । ଆଁହଜରତ ସ.ଅ ଉକ୍ତ ସର୍ତ୍ତକୁ ସ୍ୱୀକାର କରିନେଲେ । କାରଣ  ମୁସା ଅ.ସଙ୍କ ଧର୍ମ ବିଧାନ ଅନୁଯାୟୀ ଏହି ଇହୁଦୀମାନେ ହତ୍ୟାଯୋଗ୍ୟ ଥିଲେ ଏବଂ ଚୁକ୍ତି ଅନୁଯାୟୀ ସେହି ଲୋକମାନଙ୍କ ଉପରେ ମୁସା ଅ.ସଙ୍କ ଧର୍ମ ବିଧାନର ନିୟମ ତଥା ନିର୍ଣ୍ଣୟ ଲାଗୁ କରାଯାଇଥାଆନ୍ତା । କିନ୍ତୁ ଉକ୍ତ ଜାତିର ଏହି ପ୍ରଥମ ଅପରାଧ ଥିଲା ଓ ଆଁହଜରତ ସ.ଅଙ୍କ ଅସୀମ ଦୟାମୟ ସ୍ୱଭାବ ଅତ୍ୟନ୍ତ କଠୋର ଶାସ୍ତି ଆଡ଼କୁ ଯାହାକି ଶେଷ ପ୍ରତିକାର ହୋଇଥାଏ ପ୍ରାରମ୍ଭିକ ଅବସ୍ଥାରେ ଆକୃଷ୍ଟ ଅର୍ଥାତ୍ ପ୍ରସ୍ତୁତ ହେଲା ନାହିଁ । କିନ୍ତୁ ଦ୍ୱିତୀୟ ପକ୍ଷରେ ଏହିପରି ସର୍ତ୍ତଭଙ୍ଗ ଓ ଶତ୍ରୁ ସଂପ୍ରଦାୟର ମଦିନାରେ ରହିବା ଏକ ପୋଷା ସର୍ପକୁ ପାଳିବା ବ୍ୟତୀତ କିଛି ସାଧାରଣ କଥା ନଥିଲା । ବିଶେଷ କରି ଯେତେବେଳେ ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟର ଜଣେ କପଟ ବିଶ୍ୱାସୀ ଗୋଷ୍ଠୀ ପୂର୍ବରୁ ହିଁ ମଦିନାରେ ଉପସ୍ଥିତ ଥିଲା ଏବଂ ବାହ୍ୟ ପଟୁ ମଧ୍ୟ ସମସ୍ତ ଆରବବାସୀଙ୍କ ବିରୋଧରେ ମୁସଲମାନମାନଙ୍କୁ ନାକେଦମ କରିଦେଇଥିଲା। ଅର୍ଥାତ୍ ଅତିଷ୍ଠ କିରଦେଇଥିଲା । ଏହିଭଳି ସନ୍ଧିକ୍ଷଣ ମୁହୂର୍ତ୍ତରେ ଆଁହଜରତ ସ.ଅଙ୍କର ଏହି ନିଷ୍ପତ୍ତି ହୋଇପାରି ଥାଆନ୍ତା ଯେ, ବନୁ କୈନ୍‌କା ସଂପ୍ରଦାୟକୁ ନିର୍ବାସିତ କିରିଦିଆଯାଉ । ଉକ୍ତ ଶାସ୍ତି ସେମାନଙ୍କ ବିରୁଦ୍ଧରେ ଓ ସେହିପରି ସେହି କାଳର ପରିସ୍ଥିତିକୁ ଧ୍ୟାନରେ ରଖି ଏକ ସାମାନ୍ୟ ଓ କୋମଳ ଶାସ୍ତି ଥିଲା ଏବଂ ପ୍ରକୃତରେ ତହିଁରେ କେବଳ ଆତ୍ମରକ୍ଷାର ପକ୍ଷକୁ ହିଁ ଦୃଷ୍ଟି ସମ୍ମୁଖରେ ରଖାଯାଇଥିଲା। ଅନ୍ୟଥା ଆରବର ଯାଯାବର ଜାତିଙ୍କ ନିକଟରେ ସ୍ଥାନ ପରିବର୍ତ୍ତନ କରିବା କିଛି ବଡ଼ ଓ ନୂତନ କଥା ନଥିଲା । ବିଶେଷ କରି ସେତେବେଳେ ଯେତେବେଳେ କୌଣସି ସଂପ୍ରଦାୟ ପାଖରେ ସମ୍ପତ୍ତି ଜମି ଓ ଉଦ୍ୟାନ ଆକାରରେ ନଥିବ । ଯେପରିକି ବନୁ କୈନ୍‌କା ସଂପ୍ରଦାୟ ପାଖରେ ଓ ଏହି ସଂପ୍ରଦାୟ କ୍ଷେତ୍ରରେ ଉପରୋକ୍ତ କଥା ନଥିଲା । ବନୁ କୈନ୍‌କା ସଂପ୍ରଦାୟ ପାଖରେ କୌଣସି ଅହସ୍ତାନ୍ତରଣୀୟ ସମ୍ପତ୍ତି ନଥିଲା ଯେଉଁ ଜମିଗୁଡ଼ିକ ଉପରେ ବା ସମ୍ପତ୍ତି ଉପରେ ନିର୍ଭର କରାଯାଉଥିବ । ପୁନଶ୍ଚ ସମଗ୍ର ସଂପ୍ରଦାୟକୁ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାଇ ବସବାସ କରିବାର ଅବସର ମିଳିଯିବ । ସୁତରାଂ ବନୁ କୈନ୍‌କା ସଂପ୍ରଦାୟ ଅତ୍ୟନ୍ତ ଧୈର୍ଯ୍ୟପୂର୍ଣ୍ଣ ତଥା ଶାନ୍ତିପୂର୍ଣ୍ଣ ଭାବରେ ମଦିନା ଛାଡ଼ି ସିରୀୟା ଅଭିମୁଖେ ଚାଲିଗେଲେ। ସେମାନଙ୍କ ପ୍ରସ୍ଥାନ ସଂପର୍କରେ ଆବଶ୍ୟକୀୟ ବ୍ୟବସ୍ଥା ଏବଂ ନିରୀକ୍ଷଣ ଇତ୍ୟାଦିର ଦାୟିତ୍ୱ ଆଁହଜରତ ସ.ଅ ନିଜର ସାହାବି ଉବାଦାହ୍ ବିନ୍ ସାମିତ ର.ଅଙ୍କ ଉପରେ ନ୍ୟସ୍ତ କରିଥିଲେ । ହ. ଉବାଦାହ୍ ବିନ୍ ସାମିତ୍ ର.ଅ ସେହି ସଂପ୍ରଦାୟର ମିତ୍ର ଥିଲେ । ସୁତରାଂ ଉବାଦାହ୍ ବିନ୍ ସାମିତ୍ ର.ଅ କିଛି ଦୂର ପର୍ଯ୍ୟନ୍ତ ବନୁ କୈନ୍‌କା ସଂପ୍ରଦା ସହିତ ଗଲେ ଓ ସେମାନଙ୍କୁ ସୁରକ୍ଷାପୂର୍ବକ ଆଗକୁ ଛାଡ଼ି ଫେରି ଆସିଲେ। ମୁସଲମାନମାନଙ୍କ ହାତ ମୁଠାକୁ ଯେଉଁ ମାଲେ ଗନିମତ୍  ଆସିଲା ତାହା କେବଳ ଅସ୍ତ୍ରଶସ୍ତ୍ର ଓ ବଣିଆର କେତେକ ଜନିଷ ଓ ଯନ୍ତ୍ରପାତି ରହିଥିଲା ।

କେତେରେ ବର୍ଣ୍ଣନାରେ ବନୁ କୈନ୍‌କା ସଂପ୍ରଦାୟ ସଂପର୍କରେ ଚର୍ଚ୍ଚା ରହିଛି ଯେ, ଯେତେବେଳେ ବନୁ କୈନ୍‌କା ସଂପ୍ରଦାୟର ଲୋକମାନେ ଦୁର୍ଗର ଦ୍ୱାର ଖୋଲି ନିଜକୁ ଆଁହଜରତ ସ.ଅଙ୍କ ହସ୍ତରେ ଆତ୍ମ ସମର୍ପଣ କରିଦେଲେ ସେତେବେଳେ ସେହି ଚୁକ୍ତି ଖିଲାଫକାରୀ ସର୍ତ୍ତ ଭଙ୍ଗକାରୀ ଓ ବିଦ୍ରୋହ ତଥା ଉପଦ୍ରବ ଯୋଗୁଁ ଆପଣ ସ.ଅଙ୍କ ଉଦ୍ଦେଶ୍ୟ ସେହି ଯୁଦ୍ଧକାରୀ ସୈନ୍ୟମାନଙ୍କର ସଂହାର କରିବା ଥିଲା । କିନ୍ତୁ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଯେକି କପଟବିଶ୍ୱାସୀମାନଙ୍କର ଅଧିପତି ଥିଲା ତା'ରି ସୁପାରିଶ କ୍ରମେ ଆପଣ ସ.ଅ ଉକ୍ତ ଉଦ୍ଦେଶ୍ୟକୁ ପରିତ୍ୟାଗ କରିଦେଲେ । କିନ୍ତୁ

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ଗବେଷକମାନେ ସେହି ବର୍ଣ୍ଣନାଗୁଡ଼ିକୁ ସଠିକ୍ ବୋଲି ମନେ କରନ୍ତି ନାହିଁ । କାରଣ ଯେତେବେଳେ ଅନ୍ୟ ବର୍ଣ୍ଣନାମାନଙ୍କରେ ଉକ୍ତ ଘଟଣାଟି ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଯେ, ବନୁ କୈନ୍‌କା ସଂପ୍ରଦାୟ ଏହି ସର୍ତ୍ତରେ ଦୁର୍ଗର ଦ୍ୱାର ଖୋଲିଥିଲେ କି ସେମାନଙ୍କର ପରିବାର ବର୍ଗଙ୍କ ପ୍ରାଣକୁ କୌଣସି ହାନୀ ପହଞ୍ଚାଇବେ ନାହିଁ । ତେବେ ଏପରି କଦାପି ହୋଇପାରିବ ନାହିଁ ଯେ, ଆଁହଜରତ ସ.ଅ ଉକ୍ତ ସର୍ତ୍ତକୁ ସ୍ୱୀକାର କରିବା ପରେ ଦ୍ୱିତୀୟ ପନ୍ଥା ଅବଲମ୍ବନ କରିଥାଆନ୍ତେ ଏବଂ ଉକ୍ତ ସର୍ତ୍ତକୁ ଭଙ୍ଗ କରିଥାଆନ୍ତେ । କିନ୍ତୁ ବନୁ କୈନ୍‌କା ସଂପର୍ଦାୟ ପକ୍ଷରୁ ପ୍ରାଣ ଭିକ୍ଷାର ସର୍ତ୍ତ ଉପସ୍ଥାପିତ କରାଯିବା ଏହି କଥାକୁ ପ୍ରକାଶିତ କରୁଛି ଯେ, ସେମାନେ ସ୍ୱୟଂ ହିଁ ବୁଝୁଥିଲେ ଯେ, ସେମାନଙ୍କର ପ୍ରକୃତ ଶାସ୍ତି ବଧ ବା ସଂହାର ହିଁ ଅଟେ । କିନ୍ତୁ ସେମାନେ ଆଁହଜରତ ସ.ଅଙ୍କ ଅସୀମ ଦୟାର ଅଭିଳାଷୀ ଥିଲେ ଓ ଆଁହଜରତ ସ.ଅଙ୍କ ଠାରୁ ଉକ୍ତ ପ୍ରତିଶୃତି ନେଇ ଦୁର୍ଗର ଦ୍ୱାରା ଖୋଲିବାକୁ ଚାହୁଁଥିଲେ ଯେ, ସେମାନଙ୍କୁ ବଧ କରାଯିବ ନାହିଁ । କିନ୍ତୁ ଆଁହଜରତ ସ.ଅଙ୍କ ସ୍ୱଭାବରେ ବିଦ୍ୟମାନ ଥିବା ଅସୀମ ଦୟା ବଳରେ ଆପଣ ସ.ଅ ସେମାନଙ୍କୁ କ୍ଷମା କରିଦେଇଥିଲେ । ହେଲେ ଏହା ଜ୍ଞାତ ହେଉଛି ଯେ, ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଏହି ଲୋକମାନେ ନିଜର ଦୁଷ୍କୃତ୍ୟମୂଳକ ଅପରାଧ ଯୋଗୁଁ ବର୍ତ୍ତମାନ ସଂସାର ଲୋକରେ ଜୀବିତ ରହିବାର ଯୋଗ୍ୟ ନଥିଲେ । ସୂତରାଂ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେଉଁ ସ୍ଥାନକୁ ଏହି (ବନୁ କୈନ୍‌କାର) ଲୋକମାନେ ନିର୍ବାସିତ ହୋଇଥିଲେ ସେଠାରେ ସେମାନଙ୍କୁ ଏକ ବର୍ଷ ପୂରି ନଥିଲା କି ସେମାନଙ୍କ ମଧ୍ୟରେ କୌଣସି ଏକ ରୋଗ ବ୍ୟାପୀଲା। ଫଳତଃ ସଂପୂର୍ଣ୍ଣ ସଂପ୍ରଦାୟ ଉକ୍ତ ରୋଗର ଶିକାର ହୋଇ ମାଟିରେ ମିଶିଗଲା ।

ବନୁ କୈନ୍‌କା ଯୁଦ୍ଧର ଇତିହାସ ସଂକ୍ରାନ୍ତରେ କିଛିଟା ମତପାର୍ଥକ୍ୟ ରହିଛି । ୱାକିଦି ଓ ଇବ୍‌ନେ ସାଆଦ୍ ଶୱାଲ୍ 2 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି ଓ ପରବର୍ତ୍ତୀ ଇତିହାସବିତ୍‌ମାନଙ୍କ ମଧ୍ୟ ୱାକିଦି ଓ ଇବ୍‌ନେ ସାଆଦ୍‌ଙ୍କୁ ଅନୁକରଣ କରିଛନ୍ତି । କିନ୍ତୁ ଇବ୍‌ନେ ଇସ୍‌ହାକ୍ ଓ ଇବ୍‌ନେ ହିଶ୍ଶାମ୍ ଏହାକୁ ସୁୱୈକ୍ ଯୁଦ୍ଧ ପରବର୍ତ୍ତୀ ଘଟଣା ବୋଲି ଦର୍ଶାଇଛନ୍ତି, ଯାହାକି ସର୍ବ ସମ୍ମତ ରୂପେ ଜିଲ୍ ହଜ୍ଜା ମାସର 2 ତାରିଖରେ ପ୍ରାରମ୍ଭ ହୋଇଥିଲା ଏବଂ ହଦିସ୍‌ର ଏକ ବର୍ଣ୍ଣନାରେ ଏହା ମଧ୍ୟ ଇଙ୍ଗିତ ମିଳେ ଯେ, ବନୁ କୈନ୍‌କା ଯୁଦ୍ଧ ହ. ଫାତିମା ର.ଅଙ୍କ ରୁଖ୍‌ସତାନା (କନ୍ୟାର ବିବାହ ହୋଇ ପିତାଙ୍କ ଘରୁ ବିଦାୟ ନେବା) ପରେ ହୋଇଥିଲା । କାରଣ ଉକ୍ତ ବର୍ଣ୍ଣନାରେ ଏହା ବର୍ଣ୍ଣନା କରାଯାଇଛି ଯେ, ହ. ଅଲୀ ର.ଅ ନିଜର ୱଲିମାର (ପ୍ରୀତି ଭୋଜି) ନିମନ୍ତ୍ରଣର ସମସ୍ତ ଖର୍ଚ୍ଚ ଉପଲବ୍ଧ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ଯେ, ବନୁ କୈନ୍‌କାର ଜର୍ଗର (ସୁନାରୀ ବା ବଣିଆ) ନାମକ ଜନୈକ ଇହୁଦୀ ବ୍ୟକ୍ତିକୁ ସାଙ୍ଗରେ ନେଇ ଜଙ୍ଗଲକୁ ଯାଆନ୍ତୁ ଓ ସେଠାରେ ଅଜ୍‌ଖର୍ ନାମକ ଘାସ ଆଣି ମଦିନାର ଜର୍ଗର୍‌ମାନଙ୍କୁ (ବଣିଆମାନଙ୍କୁ) ନିକଟରେ ବିକ୍ରି କରି ଦିଅନ୍ତୁ । ତହିଁରୁ ଏହା ପ୍ରମାଣିତ ହୁଏ ଯେ, ହ. ଫାତିମା ର.ଅଙ୍କ ରୁଖ୍‌ସତାନା ସମୟ ଯାହାକି ସାଧାରଣ ଇତିହାସବିତ୍‌ଙ୍କ ନିକଟରେ ଜୁଲ୍ ହଜ୍ଜା 2 ହିଜ୍ରୀ ହୋଇଥିଲା ଏବଂ ବନୁ କୈନ୍‌କା ସେପର୍ଯ୍ୟନ୍ତ ମଦିନାରେ ହିଁ ବାସ କରୁଥିଲେ । ଏହି ସମସ୍ତ କାରଣ ଯୋଗୁଁ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ କୁହନ୍ତି: "ମୁଁ ବନୁ କୈନ୍‌କାକୁ, ସୁୱୈକ୍ ଯୁଦ୍ଧକୁ ଓ ହ. ଫାତିମା ର.ଅଙ୍କ ରୁଖସତାନା ପରେ ଶେଷ 2 ହିଜ୍ରୀରେ ରଖିଛି ।"

........ଇତ୍ୟବସରରେ ଏହି ଚର୍ଚ୍ଚା ମଧ୍ୟ ଫଳପ୍ରଦ ହେବ ନାହିଁ ଯେ, ବନୁ କୈନ୍‌କାର କାରଣ ବର୍ଣ୍ଣନା କରି ମିଷ୍ଟର ମାର୍ଗୋଲିସ୍ ନିଜ ଆଡୁ ଏକ ଅଦ୍ଭୂତ ପ୍ରକାର କଥା ତିଆରି କରି ଉଲ୍ଲେଖ କରିଛନ୍ତି । ଉକ୍ତ କଥାର କୌଣସି ବର୍ଣ୍ଣନାରେ ଆଦୌ ଇଙ୍ଗିତ ମିଳେ ନାହିଁ । ବୁଖାରୀରେ ଏକ ବର୍ଣ୍ଣନା ମିଳେ ଯେ, ହ. ହମ୍‌ଜା ର.ଅ ମଦ ନିଶାରେ (ଯେତେବେଳେ ମଦ୍ୟପାନ କରିବା ଅବୈଧ ଘୋଷଣା ହୋଇ ନଥିଲା ସେତେବେଳେ) ହ. ଅଲୀ ର.ଅଙ୍କ ସେହି ଓଟକୁ ମାରି ଦେଇଥିଲେ ଯେଉଁ ଓଟ ହ. ଅଲୀ ର.ଅଙ୍କୁ ବଦର୍ ଯୁଦ୍ଧରେ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଦନରତ୍ନ) ଆକାରରେ ପ୍ରାପ୍ତ ହୋଇଥିଲା । ଉକ୍ତ ଅନନ୍ୟ ଘଟଣାକୁ ବିନା କୌଣସି ଐତିହାସିକ ପ୍ରମାଣ ବ୍ୟତୀତ ବନୁ କୈନ୍‌କା ସହିତ ଯୋଡ଼ିବା ମିଷ୍ଟର ମାର୍ଗୋଲିସ୍ ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ ସ.ଅ ବନୁ କୈନ୍‌କା ସଂପ୍ରଦାୟ ଉପରେ ଏହି ଅଭିପ୍ରାୟ ରଖି ଆକ୍ରମଣ କରିଥିଲେ ଯେ, ସେହି ସଂପ୍ରଦାୟର ମାଲେ ଗନିମତରୁ ହ. ଅଲୀ ର.ଅଙ୍କ ସେହି କ୍ଷତିପୂରଣ ଓ କ୍ଷତିଭରଣା କରିଦେବେ । କୌଣସି ଅନବସରମୂଳକ କଥା ଯୋଡ଼ି ଦେଇଛନ୍ତି । ଇତିହାସ ଲେଖିବାରେ ଏହି ସାହାସ ପ୍ରାୟତଃ ଅଦୃଷ୍ଟାନ୍ତନୀୟ ଓ ସିଦ୍ଧ ହସ୍ତତା ପ୍ରାୟତଃ ସ୍ୱତଃ ପ୍ରବୃତ୍ତ ଅଟେ ଏବଂ ପୁନଃଶ୍ଚ ଆନନ୍ଦ ଓ ହର୍ଷ କଥା ଏହିକି ଯେ, ମିଷ୍ଟର ମାର୍ଗୋଲିସ୍ ଉକ୍ତ କଥାକୁ ସ୍ୱୀକାର କରନ୍ତି ଯେ, ମୁଁ ଉକ୍ତ କଥା ନିଜ ତରଫରୁ ଅନ୍ଦାଜ୍ କରି ଅତିରିକ୍ତ କରିଦେଇଛି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହେବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ମେହେମୁଦ୍ ଅହେମଦ ସାହେବ ଏମ.ଏ. ର.ଅ, ପୃ-457-462)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରାମାଣ୍ୟ ତ' କୌଣସି ମିଳିଲା ନାହିଁ**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହେବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ମେହେମୁଦ୍ ଅହେମଦ ସାହେବ ଏମ.ଏ. ର.ଅ, ପୃ-430-432)**

କିନ୍ତୁ ମୋ ବିଚାରରେ ଏଥି ନିମନ୍ତେ ଅନ୍ୟ କୌଣସି ମାଧ୍ୟମ ନଥିଲା ଯେ, ଦୁଇଟି ଓଟର ମୂଲ୍ୟ ନିମନ୍ତେ ଗୋଟିଏ ସଂପ୍ରଦାୟ ସହିତ (ପୂର୍ଣ୍ଣ) ଯୁଦ୍ଧ କରାଯାଉ । ତେଣୁ ମିଷ୍ଟର ମାର୍ଗୋଲିସ୍‌ଙ୍କ ଚିନ୍ତାଧାରା ଅତ୍ୟନ୍ତ ବିଚିତ୍ରପୂର୍ଣ୍ଣ ଅଟେ । ପ୍ରାଚ୍ୟତତ୍ତ୍ୱବିତ୍‌ମାନେ କିମ୍ବା ଅଣମୁସଲମାନ ଇତିହାସବିତ୍‌ମାନେ ମୁସଲମାନମାନଙ୍କ ପ୍ରତି ବିଦ୍ୱେଷ ଓ ଶତ୍ରୁତାରେ ଏତେ ଆଗକୁ ବଢି ଯାଇଛନ୍ତି ଇତିହାସକୁ ବୁଲେଇ ବଙ୍କେଇ ଉପସ୍ଥାପିତ କରୁଛନ୍ତି । ଏହି କାର୍ଯ୍ୟ ସେମାନଙ୍କ ପାଇଁ ଅତ୍ୟନ୍ତ ସହଜ କଥା ଅଟେ । ଏହା ଅନେକ ସ୍ଥଳରେ ଦୃଶ୍ୟମାନ ହୋଇଥାଏ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ସେ ଯାହା ହେଉ ଏଥି ସଂକ୍ରାନ୍ତରେ ଅନ୍ୟ ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ପରବର୍ତ୍ତୀ ଖୁତ୍‌ବାରେ ଚର୍ଚ୍ଚା କରିବି । ଇନ୍‌ଶାଅଲ୍ଲାଃ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ସଂସାରର ଯେଉଁ ପରିସ୍ଥିତି ରହିଛି ମୁଁ ଦୁଆ କରିବା ନିମନ୍ତେ ଜମାଅତର ସଦସ୍ୟବୃନ୍ଦଙ୍କୁ ବରମ୍ବାର କହୁଛି ଓ ପୁନଃ ସ୍ମରଣ ମଧ୍ୟ କରାଇ ଦେଉଛି ଯେ, ହମାସ୍ ଓ ଇସ୍ରାଇଲ୍ ଯୁଦ୍ଧ ଏବଂ ଏହା ପରିଣାମ ସ୍ୱରୂପ ପାଲେଷ୍ଟାଇନର ଯେଉଁ ନିରୀହ ମହିଳା ନାଗରିକ ଏବଂ ପିଲମାନେ ସହୀଦ ହେଉଛନ୍ତି ତାହାର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।

ଯୁଦ୍ଧର ସ୍ଥିତି ଯେଭଳି ଦ୍ରୁତ ଗତିରେ ବିକଟାଳ ରୂପେ ନେଉଛି ଓ ଇସ୍ରାଇଲୀୟ ସରକାର ଏବଂ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନେ ଯେଉଁଭଳି ନୀତି ଉପରେ କାର୍ଯ୍ୟାନୁସରଣ କରୁଛନ୍ତି । ଏହା ଦ୍ୱାରା ତ' ବିଶ୍ୱଯୁଦ୍ଧ ସମ୍ମୁଖରେ ଛିଡ଼ା ହୋଇଥିବା ଦୃଶ୍ୟମାନ ହେଉଛି । ବର୍ତ୍ତମାନ କେତେକ ମୁସଲମାନ ରାଷ୍ଟ୍ରର ନେତାମାନେ ମଧ୍ୟ ମୁକ୍ତ କଣ୍ଠ ହୋଇ କହିବାକୁ ଆରମ୍ଭ କରିଦେଇଛନ୍ତି ଯେ, ରଷିଆ, ଚୀନ୍ ମଧ୍ୟ ସେହିପରି ପାଶ୍ଚାତ୍ୟ ସମାଲୋଚକମାନେ, ସମୀକ୍ଷକମାନେ ମଧ୍ୟ ଏହା କହିବାକୁ ଓ ଲେଖିବାକୁ ଆରମ୍ଭ କରିଦେଇଛନ୍ତି ଯେ, ବର୍ତ୍ତମାନ ଯୁଦ୍ଧର ଏହି ପରିଧି କ୍ରମଶଃ ବୃଦ୍ଧି ଓ ବିସ୍ତାର ପାଉଥିବା ଦୃଶ୍ୟମାନ ହେଉଛି ।

ଯଦି ତୁରନ୍ତ ବୌଦ୍ଧିକପୂର୍ଣ୍ଣ ଓ ତାତ୍ତ୍ୱିକପୂର୍ଣ୍ଣ ନୀତି ଅବଲମ୍ବନ କରା ନଗଲା ତେବେ ପୃଥିବୀ ଧ୍ୱଂସ ହେବା ସୁନିଶ୍ଚିତ । ସବୁକିଛି ଖବରରେ ପ୍ରସାରିତ ହେଉଛି। ଆପଣମାନେ ସମସ୍ତେ ପରିସ୍ଥିତି ସହିତ ଅବଗତ ଅଟନ୍ତି ଓ ସ୍ଥିତି ଆପଣମାନଙ୍କ ସମ୍ମୁଖରେ ରହିଛି । ତେଣୁ ଅହେମଦିମାନଙ୍କୁ ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ । Relax ହୋଇ ବସି ଯାଆନ୍ତୁ ନାହିଁ । କମ୍ ସେ କମ୍ ପ୍ରତ୍ୟେକ ନମାଜ୍‌ରେ ଗୋଟିଏ ସିଜଦାରେ ଅବଶ୍ୟ ଏଥିପାଇଁ ଦୁଆ କରନ୍ତୁ । ପାଶ୍ଚାତ୍ୟ ଜଗତ ନେତା ହୁଅନ୍ତୁ କିମ୍ବା ଯେକୌଣସି ଦେଶର ନେତା ହୁଅନ୍ତୁ ସେମାନେ ଉକ୍ତ ପ୍ରସଙ୍ଗରେ ନ୍ୟାୟକୁ ବିନିଯୋଗ କରିବାକୁ ଚାହୁଁ ନାହାନ୍ତି କି ତତ୍‌ସଂକ୍ରାନ୍ତରେ କିଛି କହିବା ପାଇଁ ସାହାସ ମଧ୍ୟ କରୁ ନାହାନ୍ତି । ଅହେମଦିମାନେ ଉକ୍ତ ବିତର୍କରେ ପଡ଼ନ୍ତୁ ନାହିଁ ଯେ, କେଉଁ ଦେଶର ପ୍ରଧାନ ମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ଭଲ ଅଟନ୍ତି ଓ କେଉଁ ରାଷ୍ଟ୍ରର ପ୍ରଧାନ ମନ୍ତ୍ରୀ ଓ ରାଷ୍ଟ୍ରପତି ଭଲ ନାହାନ୍ତି । ମୁସଲମାନମାନଙ୍କୁ ସେମାନଙ୍କ ବିରୁଦ୍ଧରେ କିଛି କହିବା ଉଚିତ୍ ନୁହଁ । ଏହି ସମସ୍ତ କଥା ଅବାନ୍ତର ଓ ନିରର୍ଥକ ଅଟନ୍ତି ।

ଯେପର୍ଯ୍ୟନ୍ତ କେହି ଯୁଦ୍ଧବନ୍ଦ୍ (ଯୁଦ୍ଧ ବିରାମ/ବରତି)ର କୌଣସି ସାହସିକତା ପ୍ରଦର୍ଶନ କରି ନାହିଁ ସେପର୍ଯ୍ୟନ୍ତ ସେ ସଂସାରକୁ ବିନାଶ ଆଡ଼କୁ ନେଇଯିବା ପାଇଁ ଦାୟି ଅଟେ । ତେଣୁ ନିଜର ପରିବେଶରେ ଦୁଆର ସହିତ ଉକ୍ତ କଥାକୁ ପ୍ରସାରିତ କରିବା ନିମନ୍ତେ ଉଦ୍ୟମ କରନ୍ତୁ କି ଅତ୍ୟାଚାରକୁ ବନ୍ଦ କରାଯାଉ । ଅହେମଦି ବ୍ୟକ୍ତିର ଯଦି ଅଣଅହେମଦି ବ୍ୟକ୍ତି ସହିତ ସଂପର୍କ ରହିଛି ତେବେ ସେପରିପ୍ରେକ୍ଷୀରେ ସେମାନଙ୍କୁ ବୁଝାନ୍ତୁ । ଏହା ହିଁ ସାହସିକତା ଅଟେ । ଏହା ହିଁ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବାର ସ୍ତର ଓ ପନ୍ଥା ଅଟେ । ଇସ୍ରାଇଲ୍ ସରକାରଙ୍କ ପ୍ରତିନିଧି କୁହନ୍ତି, ହମାସ୍ ଆମର ନିରୀହ ଲୋକମାନଙ୍କୁ ମାରିଛି, ଆମେମାନେ ମଧ୍ୟ ବଦ୍‌ଲା (ପ୍ରତିଶୋଧ) ନେବୁ ଓ ଏହି ବଦ୍‌ଲା ବର୍ତ୍ତମାନ ସମସ୍ତ ସୀମା ଅତିକ୍ରମ କରିସାରିଛି । ଇସ୍ରାଇଲ୍ ନାଗରିକମାନଙ୍କର ଯେତେ କ୍ଷୟକ୍ଷତି ଘଟିଛି ତାହା ଠାରୁ 4 ଗୁଣା ଅଧିକ ପାଲେଷ୍ଟାଇନୀୟ ନାଗରିକମାନଙ୍କର ପ୍ରାଣହାନୀ ହୋଇଛି ।

ଯଦି ହମାସ୍ (ଆତଙ୍କ ସଂଗଠନ)କୁ ସମାପ୍ତ କରିବାର ଲକ୍ଷ୍ୟ ଇସ୍ରାଇଲ୍ ରଖିଛି

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅଥଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

## (ଖୁତ୍‌ବା ଜୁମା)

ତୁମେମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ତଥା ତାହାଙ୍କ ମାର୍ଗରେ ନିଜର ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କାଦପି ସଂପୂର୍ଣ୍ଣ ପୁଣ୍ୟକୁ କାଦପି ଲାଭ କରିପାରିବ ନାହିଁ ଏବଂ ଯେଉଁ ପୁଣ୍ୟ ତୁମେମାନଙ୍କୁ ମୋକ୍ଷ ପର୍ଯ୍ୟନ୍ତ ପହଞ୍ଚାଇଥାଏ ତାହାକୁ କଦାପି ତୁମେମାନେ ପ୍ରାପ୍ତ କରିପାରିବ ନାହିଁ ।
(ହ. ମସିହ୍ ମଉଦ୍ ଅ.ସ)

---

ଜଣେ ସାଂସରିକ ବ୍ୟକ୍ତି ଦୃଷ୍ଟିରେ ଏହା ଏପରି ଏକ କଥା ଯାହାକୁ ବୁଝିବା କଷ୍ଟକର ବ୍ୟାପାର ଅଟେ । କିନ୍ତୁ ଯେଉଁ ଲୋକମାନଙ୍କର ବିଶ୍ୱାସ ଦୃଢ ଅଟେ ସେମାନେ ଜାଣନ୍ତି ଯେ, ଏହି ବଳିଦାନ ଏଇଥି ପାଇଁ ରହିଛି ଯେ, ଏହି ବଳିଦାନ କରିବା ଫଳରେ ଅଲ୍ଲାଃତାଲାଙ୍କର କୃପା ଅବତୀର୍ଣ୍ଣ ହେଉଥିବାର ଦୃଶ୍ୟମାନ ହୋଇଥାଏ ।

---

ମୁଁ ସେହି ଧନୀକ ବ୍ୟକ୍ତିମାନଙ୍କୁ ମଧ କହିବି, ସେମାନେ ମଧ ତହିଁରୁ ନୀତି ଶିକ୍ଷା ଆହରଣ କରନ୍ତୁ ଓ ନିଜର ବଳିଦାନର ସ୍ତରକୁ ମଧ ବୃଦ୍ଧି କରନ୍ତୁ । ଏକଥା ମନେରଖନ୍ତୁ ! ଅଲ୍ଲାଃତାଲା କେବେ ବି କୌଣସି ବ୍ୟକ୍ତିର ଧାର (ଋଣ) ରଖନ୍ତି ନାହିଁ

---

ଯେଉଁ ଦୀପକୁ ଅଲ୍ଲାଃତାଲା ପ୍ରଜ୍ଜ୍ୱଳିତ କରିଛନ୍ତି ସେହି ଦୀପ କ'ଣ ବିରୋଧୀମାନଙ୍କ ଫୁଙ୍କ ଦ୍ୱାରା ଲିଭିଯିବ ? ସେମାନେ ଯେତେ ଇଚ୍ଛା ସେତେ ବଳ ପ୍ରୟୋଗ କରି ନିଅନ୍ତୁ ଏବଂ ଅକୃତକାର୍ଯ୍ୟ, ଅସଫଳତା ସେମାନଙ୍କ ଭାଗ୍ୟରେ ଲେଖା ହୋଇଛି । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହେମଦିୟା ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ବଳିଦାନର ଉଦାହରଣ ଉପସ୍ଥାପିତ କରି ଉନ୍ନତି କରି ଚାଲିଛି ।

---

ତେହ୍‌ରିକେ ଜଦିଦ୍‌ର ଅଭିପ୍ରାୟ ତଥା ଉଦ୍ଦେଶ୍ୟ ହିଁ ଏହା ଥିଲା କି ତବ୍‌ଲିଗ୍ (ପ୍ରଚାର) କରି ଜମାଅତ୍‌କୁ ସଂପ୍ରସାରିତ କରାଯାଉ ଓ ସଂସାରର ପ୍ରତ୍ୟେକ କୋଣ ଅନୁକୋଣ ପର୍ଯ୍ୟନ୍ତ ଜମାଅତ୍ ଅହେମଦିୟା ମାଧ୍ୟମରେ ଇସ୍‌ଲାମ୍ ଧର୍ମର ଧ୍ୱଜା ଉଡ଼ାଇ ଦିଆଯାଉ । ସୁତରାଂ ଏହା ଜମାଅତ୍ ଅହେମଦିୟା ମାଧ୍ୟମରେ ଇସ୍‌ଲାମ୍ ଧର୍ମର ସଂସ୍ପର୍ଶରେ ଆସିଥିବା ଲୋକମାନେ ଅଛନ୍ତି ଯେଉଁମାନେ ବିଶ୍ୱାସ, ଆସ୍ଥା ଓ ବଳିଦାନର ସର୍ବୋଚ୍ଚ ଉଦାହରଣ ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି ।

---

ହ. ମୁସ୍‌ଲେହ୍ ମଉଦ୍ ର.ଅ ପ୍ରାରମ୍ଭରେ ହିଁ ଉକ୍ତ ତେହ୍‌ରିକକୁ 10 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରି ଦେଇଥିଲେ । ଅର୍ଥାତ୍ 3-10 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ପୁନଶ୍ଚ ଦଶ ବର୍ଷ ପୂର୍ତ୍ତି ଅବସରରେ ଏହାର ସକାରାତ୍ମକ ପରିଣାମ ପ୍ରକଟିତ ହେଲା ଓ ଅତିରିକ୍ତ ବଳିଦାନ ଦେବା ନିମନ୍ତେ ଲୋକମାନଙ୍କର ଇଚ୍ଛା ମୁତବାକ ଏହାକୁ ବୃଦ୍ଧି କରାଯାଇଥିଲା । ଏହାପରେ ଉକ୍ତ ତେହ୍‌ରିକ୍ (ଆହ୍ୱାନ) ଏକ ନିୟମିତ ତେହ୍‌ରିକ୍ ହୋଇଗଲା ।

---

ଆଜି ପୁନଶ୍ଚ 19 ବର୍ଷ ପୂର୍ତ୍ତି ଅବସରରେ ମୁଁ ଷ୍ଟେତମ ଦଫ୍‌ତର୍‌ର ଶୁଭାରମ୍ଭର ଉଦ୍‌ଘୋଷଣା କରୁଅଛି । ବର୍ତ୍ତମାନ ନୂତନ ଭାବରେ ସାମିଲ୍ ହୋଇଥିବା ନବଦୀକ୍ଷିତମାନେ ମଧ ଓ ନବଜାତ ଶିଶୁମାନେ ମଧ କିମ୍ବା ଯେଉଁମାନେ ପୂର୍ବେ କୌଣସି ଦଫ୍‌ତର୍‌ରେ ନାହାନ୍ତି ସେମାନେ ଦଫ୍‌ତର୍ ରେ ସାମିଲ୍ ହେବେ । ଅଲ୍ଲାଃତାଲା ସେହି ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ଓ ଏହି ଲୋକମାନେ ପୂର୍ବାପେକ୍ଷା ଅଧିକ ବଳିଦାନ କରିବାକୁ ସକ୍ଷମ ହୁଅନ୍ତୁ ଏବଂ ଏମାନଙ୍କୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ।

---

ପାଲେଷ୍ଟାଇନବାସୀଙ୍କୁ ସର୍ବଦା ନିଜର ଦୁଆରେ ସ୍ମରଣ ରଖନ୍ତୁ, ସେମାନଙ୍କୁ ଭୁଲନ୍ତୁ ନାହିଁ, ସେମାନଙ୍କର ମହିଳାମାନେ, ପିଲାମାନେ ଯେଉଁ ଅତ୍ୟାଚାରର ଚକ୍କିରେ ପେଷି ହେଉଛନ୍ତି ଅଲ୍ଲାଃତାଲା ଯଥାଶୀଘ୍ର ସେମାନଙ୍କ ମୁକ୍ତି ନିମନ୍ତେ ସାଧନ ସୃଷ୍ଟି କରନ୍ତୁ । **ଆମିନ୍ ।**

**ତେହ୍‌ରିକେ ଜଦିଦ୍‌ର 89 ତମ ବର୍ଷରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ବଳିଦାନର ଚର୍ଚ୍ଚା ଏବଂ 90ତମ ବର୍ଷର ଶୁଭାରମ୍ଭର ଘୋଷଣା ।**

**ବିଗତ ବର୍ଷ ମଧ୍ୟରେ ଆନ୍ତର୍ଜାତିକ ଜମାଅତ୍ ଅହେମଦିୟାକୁ ତେହ୍‌ରିକେ ଜଦିଦ୍‌ରେ 17.20 ମିଲିୟନ୍ ପାଉଣ୍ଡ ଆର୍ଥିକ ବଳିଦାନ ଉପସ୍ଥାପିତ କରିବାକୁ ସାମର୍ଥ୍ୟତା ପ୍ରାପ୍ତ ହେଲା । ଉକ୍ତ ଆଦାୟ ଗତ ବର୍ଷ ତୁଳନାରେ 7 ଲକ୍ଷ 49 ହଜାର ପାଉଣ୍ଡ ଅଧିକ ରହିଛି । ବିଭିନ୍ନ ଦେଶମାନଙ୍କରୁ ଅହେମଦି ଓ ଅଣଅହେମଦି ତଥା ନବଦୀକ୍ଷିତମାନଙ୍କର ଆର୍ଥିକ ବଳିଦାନର ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା । ଖିଲାଫତେ ଖାମିସାର କଲ୍ୟାଣମୟ କାଳରେ ଅନ୍ୟ ଦଫ୍‌ତର୍ ତୁଳନାରେ ସାମଗ୍ରିକ ରୂପେ ତେହ୍‌ରିକେ ଜଦିଦ୍‌ର ଦଫ୍‌ତର 6ଷ୍ଟ ତମ ସଂସ୍କରଣର ଘୋଷଣା ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 3 NOVEMBER 2023 ମସିହା ଅନୁଯାୟୀ ୨୭ ଇଖା / ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ ପବିତ୍ର କୁରଆନ୍ କରୀମର ନିମ୍ନ ଆୟତ୍ لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ۚ وَمَا تُنْفِقُوْا مِنْ شَيْءٍ فَاِنَّ اللّٰهَ بِهٖ عَلِيْمٌ (ଆଲେ ଇମ୍ରାନ୍: 93) ଆବୃତ୍ତି କରିଲେ ଓ ଏତଦପରେ ହୁଜୁର ଅନୱର୍ ଅ.ବ ଏହାର ଅନୁବାଦ ଉପସ୍ଥାପିତ କଲେ ଯେ, ତୁମେମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ତଥା ତାହାଙ୍କ ମାର୍ଗରେ ନିଜର ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କଦପି ସଂପୂର୍ଣ୍ଣ ପୁଣ୍ୟକୁ ଲାଭ କରିପାରିବ ନାହିଁ ଏବଂ ତୁମେମାନେ ଯାହାକିଛି ବ୍ୟୟ କର ତାହାକୁ ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ।

ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା ସ୍ପଷ୍ଟ ରୂପେ କହି ଦେଇଛନ୍ତି ଯେ, ପୁଣ୍ୟର ସର୍ବୋଚ୍ଚ ସ୍ତର ସେତେବେଳେ ପ୍ରାପ୍ତ ହୋଇପାରିବ ଯେତେବେଳେ ତୁମେମାନେ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ତାହାଙ୍କ ମାର୍ଗରେ ବ୍ୟୟ କର ଯେଉଁ ପ୍ରିୟବସ୍ତୁକୁ ତୁମେ ଭଲ ପାଉଛ । ଏହାର ସ୍ପଷ୍ଟୀକରଣ ପ୍ରଦାନ କରି ଏକ ସ୍ଥଳରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ,"ଯେଉଁ ପୁଣ୍ୟ ତୁମେମାନଙ୍କୁ ମୋକ୍ଷ ପର୍ଯ୍ୟନ୍ତ ପହଞ୍ଚାଇଥାଏ ତାହାକୁ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 25 JULY 2024 Issue No. - 30

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କଦାପି ତୁମେମାନେ ପ୍ରାପ୍ତ କରିପାରିବ ନାହିଁ । ଅର୍ଥାତ୍ ତୁମେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ସେହି ପ୍ରିୟ ଧନ ଓ ବସ୍ତୁକୁ ବ୍ୟୟ ନକରିଦେବା ପର୍ଯ୍ୟନ୍ତ ତୁମେମାନେ ସେହି ପ୍ରକୃତ ପୁଣ୍ୟ ଏବ ପ୍ରକୃତ ମୋକ୍ଷକୁ ପ୍ରାପ୍ତେ କରିପାରିବା ନାହିଁ ।''

**(ଫତହ୍ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-38)**

ପୁନଶ୍ଚ ଏକ ସ୍ଥଳେ ଆପଣ ଅ.ସ କହିଲେ,''ଧନ ସହିତ କେବେ ବି ପ୍ରେମ କରନ୍ତୁ ନାହିଁ । ଅଲ୍ଲାଃତାଲା କୁହନ୍ତି لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ ତୁମେମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ତଥା ତାହାଙ୍କ ମାର୍ଗରେ ନିଜର ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କାଦପି ସଂପୂର୍ଣ୍ଣ ପୁଣ୍ୟକୁ ପ୍ରାପ୍ତ କରିପାରିବ ନାହିଁ ।'' **(ତଫସିର୍ ହ. ମସିହ୍ ମଉଦ୍ ଅ.ସ, ଭାଗ-2, ପୃ-130)**

ଆପଣ ଅ.ସ କହିଲେ, ନିରର୍ଥକ, ପରିତ୍ୟକ୍ତ ଓ ନିକୃଷ୍ଟ ବସ୍ତୁ ବ୍ୟୟ କରିବା ଦ୍ୱାରା କୌଣସି ବ୍ୟକ୍ତି ପୁଣ୍ୟ କର୍ମ ସମ୍ପାଦନକାରୀ ହେବାର ଦାବି କରିପାରିବ ନାହିଁ । ପୁଣ୍ୟର ଦ୍ୱାର ଅତ୍ୟନ୍ତ ସଂକୀର୍ଣ୍ଣ ଅଟେ । ସୁତରାଂ ଉକ୍ତ ପ୍ରସଙ୍ଗ ମସ୍ତିଷ୍କରେ ଆସନ୍ନିତ କରି ନିଅନ୍ତୁ କି ନିକୃଷ୍ଟ ବସ୍ତୁ ବ୍ୟୟ କରିବା ଦ୍ୱାରା କୌଣସି ବ୍ୟକ୍ତି ପୁଣ୍ୟର ଦ୍ୱାରରେ ପ୍ରବେଶ କରିପାରିବ ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍‌ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ **(ଆଲେ ଇମ୍ରାନ୍: 93)** ତୁମେମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ତଥା ତାହାଙ୍କ ମାର୍ଗରେ ନିଜର ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କଦପି ସଂପୂର୍ଣ୍ଣ ପୁଣ୍ୟକୁ ପ୍ରାପ୍ତ କରିପାରିବ ନାହିଁ । ଯଦି ଦୁଃଖ କଷ୍ଟ ସହ୍ୟ କରିବାକୁ ଚାହୁଁ ନାହାନ୍ତି ଓ ପ୍ରକୃତ ପୁଣ୍ୟକୁ ଅବଲମ୍ବନ କରିବାକୁ ଚାହୁଁ ନାହାନ୍ତି ତେବେ ଆପଣମାନେ କିପରି ସଫଳ ଏବଂ କୃତକାର୍ଯ୍ୟ ହୋଇପାରିବେ ?'' ସାହାବାମାନଙ୍କୁ ଯେଉଁ ସ୍ତର ଏବଂ ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ତାହା କ'ଣ ମାଗଣାରେ ସେମାନଙ୍କୁ ପ୍ରାପ୍ତ ହୋଇ ଯାଇଥିଲୋ ଏବଂ କ'ଣ ସେମାନେ ମାଗଣରେ ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ ? ସାଂସାରିକ ଉପାଧିର ସାମର୍ଥ୍ୟତା ପ୍ରାପ୍ତ କରିବାକୁ ହେଲେ କୌଣସି ପ୍ରକାରର ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ ଓ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ। ତେବେ ଯାଇ ଏକ ସାଧାରଣ ଉପାଧି ଯଦ୍ଦ୍ୱାରାକି ହୃଦୟର ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରାପ୍ତ ହୋଇ ପାରିବ ତାହା ପ୍ରାପ୍ତ ହୋଇଥାଏ । ତେବେ ଯାଇ ଏପରି ଉପାଧି ପ୍ରାପ୍ତ ହୁଏ । ଜରୁରୀ ନୁହେଁ ଯେ, ଏହା ଦ୍ୱାରା ହୃଦୟକୁ ପ୍ରଶାନ୍ତି ମଧ୍ୟ ପ୍ରାପ୍ତ ହେବ । କିନ୍ତୁ ଏଥି ନିମନ୍ତେ ମନୁଷ୍ୟକୁ ପରିଶ୍ରମ କରିବାକୁ ପଡ଼ିଥାଏ । ପୁନଶ୍ଚ ତୁମେମାନେ ବିଚାର କର କି **ରଜିଅଲ୍ଲାଃହୁ ଅନହୁମ୍**ର ଯେଉଁ ଉପାଧି ଯାହାକି ହୃଦୟର ସନ୍ତୁଷ୍ଟି ଓ ଶାନ୍ତି ଏବଂ ଅଶେଷ ଦୟାବାନ ପ୍ରଭୁଙ୍କ ଅନୁଗ୍ରହତାର ଏକ ନିଦର୍ଶନ ଅଟେ ତାହା ସାହାବାମାନଙ୍କୁ କ'ଣ ସହଜେ ପ୍ରାପ୍ତ ହୋଇଯାଇଥିଲା ? ପ୍ରକୃତ ପ୍ରସଙ୍ଗ ଏହିକି ଯେ, ଈଶ୍ୱରଙ୍କ ଅନୁଗ୍ରହତା ଏବଂ ତାହାଙ୍କ ପ୍ରସନ୍ନତା ଯାହାକି ପ୍ରକୃତ ଆନନ୍ଦର କାରଣ ଅଟେ ଯେପର୍ଯ୍ୟନ୍ତ ତହିଁରେ ସାମୟିକ ଓ କ୍ଷଣସ୍ଥାୟୀ କଷ୍ଟ ସହ୍ୟ କରାଯାଇ ନାହିଁ ସେପର୍ଯ୍ୟନ୍ତ ତାହା ପ୍ରାପ୍ତ ହୋଇପାରିବ ନାହିଁ। ଈଶ୍ୱରଙ୍କୁ ଠକି ଦେଇ ପାରିବ ନାହିଁ । ସେ ଠକାମୀର ଶିକାର ହୋଇପାରିବେ ନାହିଁ । କଲ୍ୟାଣମୟ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନାନା ଦୁଃଖ କଷ୍ଟକୁ ଭୃକ୍ଷେପ କରନ୍ତି ନାହିଁ । କାରଣ ସାର୍ବକାଳୀନ ଆନନ୍ଦ ଏବଂ ସାର୍ବକାଳୀନ ବିଶ୍ରାମର ଆଲୋକ ସାମୟିକ କଷ୍ଟ ପରେ ଯାଇ ଜଣେ ବିଶ୍ୱାସକାରୀ ବ୍ୟକ୍ତିକୁ ପ୍ରାପ୍ତ ହୋଇଥାଏ । ଅର୍ଥାତ୍ କଷ୍ଟ ନକଲେ କୃଷ୍ଣ ମିଳନ୍ତି ନାହିଁ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-75-76, ସଂସ୍କରଣ ବର୍ଷ-1984 ମସିହା)**

ଅତଏବ୍ ଧନ ବା ଅର୍ଥ ବ୍ୟୟ କରିବାର ଏହା ହେଉଛି ସେହି ଅବବୋଧ ଯାହା ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ଅନୁଯାୟୀ ଆମମାନଙ୍କୁ ନିଜ ମଧ୍ୟରେ ସୃଷ୍ଟି କରିବା ଉଚିତ୍ । ଅଲ୍ଲାଃତାଲାଙ୍କର ଜମାଅତ୍ ଉପରେ ଏବଂ ପ୍ରତ୍ୟକ ଅହେମଦି ଏହି ମହୋପକାର ରହିଛି । ଯେଉଁ ବ୍ୟକ୍ତି ଉକ୍ତ କଥାକୁ ବୁଝି ନିଜର ଆବଶ୍ୟକତା ଥିବା ସତ୍ତ୍ୱେ ପ୍ରିୟ ଧନକୁ ଧର୍ମ ମାର୍ଗରେ ବ୍ୟୟ କରିବା ନିମନ୍ତେ ଉପସ୍ଥାପିତ କରିଦେଲା ତେବେ ସେହି ବ୍ୟକ୍ତି ପ୍ରକୃତ ପୁଣ୍ୟର ଅଧିକାରୀ ହୋଇପାରିବ । ଏହାକୁ ପାଥେୟ କରି ଆମ ଜମାଅତ୍‌ର ବିପୁଳ ସଂଖ୍ୟକ ସଦସ୍ୟବୃନ୍ଦ ନିଜର ପ୍ରିୟ ଧନକୁ ଧାର୍ମିକ ଆବଶ୍ୟକତା ଓ ପୁଣ୍ୟ ପ୍ରାପ୍ତି ସକାଶେ ଉପସ୍ଥାପିତ କରିଥାଆନ୍ତି । ଏପରି ସହସ୍ର ସହସ୍ର ଉଦାହରଣ ରହିଛି ଯେ, ଲୋକମାନେ ନିଜର ଆବଶ୍ୟକତା ଥିବା ସତ୍ତ୍ୱେ ଏହାକୁ ପଶ୍ଚାତ୍ ପଟରେ ଫିଙ୍ଗି ଦେଇ ଧାର୍ମିକ ଆବଶ୍ୟକତା ନିମନ୍ତେ ନିଜର ବଳିଦାନ ଉପସ୍ଥାପିତ କରିଥାଆନ୍ତି । ଆଜିକାଲି ଆମେମାନେ ଦେଖୁଛେ ଯେ, ସଂସାରର ଅର୍ଥନୈକିତ ସ୍ଥିତି ପ୍ରାୟତଃ ଖରାପ ରହିଛି ଏବଂ ମାନ୍ଦା ଅବସ୍ଥାକୁ ଗତି କରୁଛି । ବିଶେଷ କରି ବିକଶିତ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ସ୍ଥିତି ସ୍ୱଚ୍ଛଳ ନୁହେଁ ବରଂ ଦୁର୍ବଳ ହୋଇଯାଇଛି । ଦେଖିବାକୁ ଗଲେ ପୂର୍ବେ ସେମାନଙ୍କର ଅର୍ଥାତ୍ ବିକଶିତ ରାଷ୍ଟ୍ରମାନଙ୍କର ଯେଉଁ ଅବସ୍ଥା ପୂର୍ବେ ଥିଲା ତାହା ବର୍ତ୍ତମାନ ଆଉ ନାହିଁ। ସେହି ବିକଶିତ ରାଷ୍ଟ୍ରମାନଙ୍କରେ ପୂର୍ବେ ଯେଉଁ ଆର୍ଥିକ ସ୍ୱଚ୍ଛଳତା ଏବଂ ସହଜତା ଥିଲା ତାହା ଆଉ ନାହିଁ । ବର୍ତ୍ତମାନ ପୃଥିବୀର ଯେଉଁ ଅବସ୍ଥା ରହିଛା ତାହା ଯୁଦ୍ଧମୟ ରହିଛି। ଇଉରୋପ, ୟୁକ୍ରେନ ଏବଂ ଋଷ୍ ମଧ୍ୟରେ ଯୁଦ୍ଧ ଚାଲିଛି । ଏହି ଯୁଦ୍ଧ ଇଉରୋପର ଅବସ୍ଥାକୁ ମଧ୍ୟ ଅତ୍ୟନ୍ତ ଶୋଚନୀୟ କରିଦେଇଛି । ସେ ଯାହା ହେଉ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ଅର୍ଥନୀତି ଉପରେ ଏହି ଯୁଦ୍ଧର ଅଧିକ ପ୍ରଭାବ ଦେଖିବାକୁ ମିଳିଛି । ସେହି ଦେଶମାନଙ୍କର ଯେଉଁ ରାଜନେତାମାନେ ରହିଛନ୍ତି ସେମାନଙ୍କର ଅର୍ଥ କାରବାରରେ ଅନିୟମିତତା ମଧ୍ୟ ଅତ୍ୟନ୍ତ ଶୋଚନୀୟ ପରିସ୍ଥିତି ସୃଷ୍ଟି କରିଦେଇଛି । କିନ୍ତୁ ଏସବୁ ସତ୍ତ୍ୱେ ଅହେମଦି ନିଜର ଆର୍ଥିକ ବଳିଦାନ କ୍ଷେତ୍ରରେ ଆଗକୁ ଅଗ୍ରସର ହୋଇ ଚାଲିଛନ୍ତି ।

ଜଣେ ସାଂସାରିକ ବ୍ୟକ୍ତି ଦୃଷ୍ଟିରେ ଏହା ଏଭଳି ଏକ କଥା ଯାହାକୁ ବୁଝିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । କିନ୍ତୁ ଯେଉଁ ବ୍ୟକ୍ତିମାନଙ୍କର ବିଶ୍ୱାସ ସୁଦୃଢ ରହିଛି ସେମାନଙ୍କୁ ଜଣା ଯେ, ଏହି ବଳିଦାନ ଏଥି ନିମନ୍ତେ ଉଦ୍ଦିଷ୍ଟ ଯେ, ପରିଣାମ ସ୍ୱରୂପ ଅଲ୍ଲାଃତାଲାଙ୍କ କୃପା ଦୃଶ୍ୟମାନ ହେଉଛି । ନଭେମ୍ବର ମାସର ପ୍ରଥମ ଖୁତ୍‌ବାରେ ଯେପରିକି ଜମାଅତ୍‌ର ସଦସ୍ୟବୃନ୍ଦ ଜାଣନ୍ତି ଯେ, ମୁଁ ଉକ୍ତ ମାସରେ ନୂତନ ବର୍ଷର ଘୋଷଣା କରିଥାଏ । ସୁତରାଂ ମୁଁ ତେହ୍‌ରିକେ ଜଦିଦ୍ ସଂକ୍ରାନ୍ତରେ ହିଁ କେତେକ ଘଟଣାବଳୀ ଉପସ୍ଥାପିତ କରିବି । ସଦର୍ ଲଜ୍‌ନା ଲାହୋର ମୋତେ ପତ୍ର ଲେଖିଲେ ଯେ, ହୁଜୁର ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲା ଲାହୋର୍‌ରେ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବା ପ୍ରିତ ଲଜ୍‌ନାତ୍‌ମାନଙ୍କୁ କୁହାଗଲା । ଉକ୍ତ ମଜ୍‌ଲିସ୍‌ଟି ଜଣେ ମଧ୍ୟବିତ୍ତ ଶ୍ରେଣୀର ମଜ୍‌ଲିସ୍ ଅଟେ । ସଦର୍ ଲଜ୍‌ନା ସାହେବା କୁହନ୍ତି ଯେ, ମୁଁ ନିଜକୁ ଲଜ୍ଜିତ ଅନୁଭବ କରୁଥିଲି ଏବଂ ଦ୍ୱନ୍ଦ୍ୱ ଅନୁଭବ କରୁଥିଲେ ଯେ, ମୁଁ ଏହି ଲଜ୍‌ନାମାନଙ୍କୁ କିପରି ଆହ୍ୱାନ ଜଣାଇବି ? କାରଣ ଏମାନେ ପୂର୍ବରୁ ହିଁ ଅତ୍ୟଧିକ ବଳିଦାନ ଦେଉଅଛନ୍ତି । କିନ୍ତୁ ସେ ଯାହା ହେଉ ମୋତେ ସେମାନଙ୍କୁ ତେହ୍‌ରିକ୍ କରିବା ପାଇଁ କୁହାଯାଇଥିଲା ତେଣୁ ମୋତେ ସେମାନଙ୍କର ଧ୍ୟାନ ଆକର୍ଷଣ କରିବାକୁ ପଡ଼ିଥିଲା । ସେ କୁହନ୍ତି, ମୋ ଆଶ୍ଚର୍ଯ୍ୟର ସୀମା ଆଉ ରହିଲା ନାହିଁ ଯେତେବେଳେ ମୁଁ ଦେଖିଲି କି ମହିଳାମାନେ କିପରି ପ୍ରତିସ୍ପର୍ଦ୍ଧିତ ହୋଇ ନିଜର ବଳିଦାନ ଉପସ୍ଥାପିତ କରୁଛନ୍ତି ।

ସଦର୍ ଲଜ୍‌ନା ସାହେବା କୁହନ୍ତି ଯେ, ମୋତେ ବର୍ତ୍ତମାନ ଉକ୍ତ କଥା ଯୋଗୁଁ ଲଜ୍ଜା ଅନୁଭବ ହେଉଛି ଯେ, ସ୍ୱଳ୍ପ ଆମଦାନୀ କରୁଥିବା ଲୋକମାନେ ଏହିପରି ବଳିଦାନ ଦେଉଛନ୍ତି ଯାହାର କଳ୍ପନା ମଧ୍ୟ ଆମେମାନେ କରିପାରିବୁ ନାହିଁ । ଅନେକ ଧନୀକ ବ୍ୟକ୍ତିମାନେ ମଧ୍ୟ ଚିନ୍ତା କରିପାରିବେ ନାହିଁ । ନଗଦ ଟଙ୍କା ଓ ଗହଣା ଇତ୍ୟାଦି ଆକାରରେ ଲକ୍ଷାଧିକ ଟଙ୍କା ଲଜ୍‌ନାମାନେ ବଳିଦାନ ଦେଇଛନ୍ତି । ସେହିପରି ୱକିଲୁଲ୍ ମାଲ୍ ଅୱଲ୍‌ର ରିପୋର୍ଟରେ ସେହି ମହିଳାମାନ ଅନେକ ପୃଷ୍ଠା ବିଶିଷ୍ଟ ଏକ ସୂଚୀପତ୍ର ରହିଛି ଯେଉଁ ମହିଳାମାନେ ନିଜର ଗହଣା ଉପସ୍ଥାପିତ କରିଛନ୍ତି । ହ.ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ ତେହ୍‌ରିକେ ଜଦିଦ୍‌ର ଘୋଷଣା କରିଥିଲେ ।

**(ଅବଶିଷ୍ଟାଂଶ .....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-2 ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ.......

ଆମେମାନେ ତ' ସେହି ପ୍ରତିଶ୍ରୁତ ମସିହ୍‌ଙ୍କ ଅନୁଗାମୀ ଅଟୁ । ସେହି ମସିହ୍‌ଙ୍କୁ ମୁସଲମାନମାନେ ନିର୍ଯାତନା ଏବଂ ଦୁଃଖ କଷ୍ଟ ଦେଲେ ହେଲେ ଆପଣ ଅ.ସ ସେମାନଙ୍କ ପ୍ରତି ଯେଉଁ ଭାବାବେଗ ପରିପ୍ରକାଶ କରିଛନ୍ତି ତାହା ଏହିପରି :

اے دِل تو نیز خاطر نگاہ دار کاخر کنند دعوۓ حبّ پیمبرم

**(ଇଜାଲା ଔହାମ୍, ପ୍ରଥମ ଭାଗ, ରୁହାନୀ ଖଜାଏନ୍, ଭାଗ-3, ପୃ-182)**

ଅର୍ଥାତ୍ ହେ ହୃଦୟ ! ତୁ ବି ସେହି ଲୋକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କର। କାରଣ ସେମାନେ ମଧ୍ୟ ମୋ ପ୍ରିୟ ମୁନିବ୍ ମୁହମ୍ମଦ ସ.ଅଙ୍କ ଅନୁଗାମୀ ଓ ମୋ ପ୍ରିୟ ମୁନିବଙ୍କୁ ଭଲ ପାଉଥିବାର ଦାବି କରୁଛନ୍ତି । ସୁତରାଂ ଆଁହଜରତ ସ.ଅଙ୍କ ପ୍ରତି ପ୍ରେମ ଏହା ଆଶା କରେ ଯେ, ଆମେମାନେ ମୁସଲମାନମାନଙ୍କ ନିମନ୍ତେ ବହୁତ୍ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ଆମମାନଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ମୁସଲମାନମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ସଂସାରବାସୀଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । **ଆମିନ୍** । ☆--☆--☆

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan